ଧରିତ୍ରୀ DHARITRI
ଶୁକ୍ରବାର, ୨୭ ଅଗଷ୍ଟ, ୨୦୨୧

### ବିଦେଶୀ ମଦ ବିକ୍ରି ଜଣେ ଗିରଫ

ମାଲକାନଗିରି,(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମୁଦୁଲିପଡା ଗ୍ରାମରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ତାଙ୍କ ନାମ ଜମିନକାନ୍ତ ସଗରିଆ। ଏହି ଗ୍ରାମରେ ବେଆଇନ ବିଦେଶୀ ମଦର ଚୋରା କାରବାର ହେଉଥିବା ଖବର ପାଇ ପୋଲିସ ଗ୍ରାମର କୁମାରସାହିର ଜମିନକାନ୍ତଙ୍କ ଘର ଉପରେ ଚଢାଉ କରିଥିଲା। ତାଙ୍କଠାରୁ ୯୦ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ ହୋଇଛି। କେସ୍ ନମ୍ବର ୬୪/୨୧ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।



## ସଂକ୍ଷେପରେ

### କୋଷାଗୁମୁଡ଼ାରେ ସ୍କୁଲ ବୁଲିଲେ ଜିଲାପାଳ



କୋଷାଗୁମୁଡ଼ା, ୨୬।୮(ଡି.ଏନ୍.ଏ.) ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଗୁରୁବାର କୋଷାଗୁମୁଡ଼ା ବ୍ଲକ ଗସ୍ତ କରିଛନ୍ତି। ମୋ ସ୍କୁଲ ଅଭିଯାନରେ କୋଷାଗୁମୁଡ଼ା ଓ କୋଟାଗାଁ ହାଇସ୍କୁଲକୁ ରୂପାନ୍ତରିତ ଶିକ୍ଷା ଅନୁଷ୍ଠାନ କରାଯାଇଛି। ସେ ସେଠାରେ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ସେପ୍ଟେମ୍ବର ୨ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୋଷାଗୁମୁଡ଼ା ବିଡିଓ ଅକ୍ଷମିତା କାର୍ତ୍ତିକ, କୋଡ଼ିଙ୍ଗା ତହସିଲଦାର ଶିବ ପ୍ରଧାନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ମହିଳା ମୃତ

ରାମନାଗୁଡ଼ା/ଗୁଣପୁର, ୨୬।୮ (ଡି.ଏନ୍.ଏ.)-ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତର ରାମଗିରି ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଭାସ୍କର ବିଡିକାଙ୍କ ସ୍ତ୍ରୀ ସୁନ୍ତଳା(୨୭)। ସୂଚନା ଅନୁଯାୟୀ, ଅପରାହ୍ନରେ ସୁନ୍ତଳା ଶୌଚ ପାଇଁ ବାଡ଼ିପଟକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ସେ ସେଠାରେ ଟଳିପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଭେଙ୍କଟେଶ୍ୱର ପୃଷ୍ଟି ତାଙ୍କୁ ମୃତ ଘୋଷଣା କରଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଯାଇଥିବାବେଳେ ରାମନାଗୁଡ଼ା ଫାଣ୍ଡିରେ ୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଦଳୀୟ କର୍ମୀ ଆମର ବଳ

ତେନ୍ତୁଲିଖୁଣ୍ଟି, ୨୬।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ଏକ ବୈଠକ କରାଯାଇଛି। ଦରଦାମ ଯେଭଳି ଦହଗଞ୍ଜ କରୁଛି, ତାହାର ଜବାବ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦେବାକୁ ପଡିବ ବୋଲି ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ କହିଛନ୍ତି। ଦଳର କର୍ମୀ ଆମର ବଳ ବୋଲି ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। କର୍ମୀଙ୍କ ମନୋବଳ ଭାଙ୍ଗିବାକୁ ବିରୋଧୀ ବିଭିନ୍ନ ଖବର ପ୍ରକାଶ କରୁଛନ୍ତି। ଏଣୁ କର୍ମୀଙ୍କ ମନୋବଳ ଦୃଢ଼ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡିବ ବୋଲି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗା ରତ୍ନାମା କହିଛନ୍ତି। ବୈଠକରେ କୃଷକ ନେତା କିଶୋର ସିଂ, ବସନ୍ତ ପାଣିଗ୍ରାହୀ, ଭୀମସେନ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଲଭ ଗୌଡ଼, ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଦିଲୀପ ପ୍ରଧାନୀ, ସୁବାସ କର୍କରା, ସୁନୀଲ ସିଂ, ବ୍ଲକ ଯୁବକଂଗ୍ରେସ ସଭାପତି ତଥା ସରପଞ୍ଚ ବିଜୟ ଝୋଡ଼ିଆ, ବାରିଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଗୃହ ପାଇଁ ଭୂମିପୂଜା, ଭିତ୍ତିପ୍ରସ୍ତର ସ୍ଥାପନ

ନବରଙ୍ଗପୁର,୨୬।୮(ବି.ପ୍ର.)- ନୂତନ ଜିଲା କୋର୍ଟ ପରିସରରେ ବିଭିନ୍ନ କାର୍ଯ୍ୟାଳୟ ଗୃହ ପାଇଁ ଭୂମିପୂଜା ଓ ଭିତ୍ତିପ୍ରସ୍ତର ସ୍ଥାପନ ଜିଲା ଜଜ୍ ଅଶୋକ କୁମାର ପଣ୍ଡା କରିଛନ୍ତି। ପ୍ରାୟ ୨କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ସରକାରୀ ଆଇନଜୀବୀ ଗୃହ, ମହାକିଲ ପ୍ରତୀକ୍ଷା ଗୃହ, କ୍ୟାଣ୍ଟିନ ଓ ଗାଡ଼ି ପାର୍କିଂସ୍ଥଳ ନିର୍ମାଣ ହେବ। ଭୂମିପୂଜା ଓ ହୋମ ପରେ ଜିଲା ଜଜ୍ ପ୍ରକଳ୍ପ ଫଳକ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ଜଜ୍, ଅତିରିକ୍ତ ଜିଲା ଜଜ୍, ବରିଷ୍ଠ ଦେଓ୍ୱାନୀ ବିଚାରପତି, ରେଜିଷ୍ଟ୍ରାର, ଜିଲା ଆଇନ ସେବା ପ୍ରାଧିକାରଣ ସମ୍ପାଦିକା,



ଏସ୍‌ଡିଜେଏମ୍, ପ୍ରଥମ ଶ୍ରେଣୀ ବିଚାରପତି, ପୋଲିସ ହାଉସିଂ ବୋର୍ଡ ଅଧିକାରୀ, ଜିଲା ଆଇନଜୀବୀ ସଂଘ ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ , ସମ୍ପାଦକ ରାମପ୍ରସାଦ ପାତ୍ର, ସରକାରୀ ଆଇନଜୀବୀ ସଚ୍ଚିନନ୍ଦନ ସ୍ୱାଇଁ, ମୀନକେତନ ପୂଜାରୀ, ରବୀନ୍ଦ୍ର ପ୍ରସାଦ ପାଢ଼ୀ, ଭୁବନେଶ୍ୱର ଦାସ, ସନ୍ତୋଷ କୁମାର ମିଶ୍ର, ସତୀଶ ନାୟକ, ଅରୁଣ କୁମାର ମହାନନ୍ଦିଆ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଞ୍ଜୟ ପ୍ରଦୀପ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲାର ୪୨୩ ଗାଁକୁ ରାସ୍ତା ନାହିଁ

- ମୁକ୍ତିର ଅମୃତ ମହୋତ୍ସବ
- ଜିଲାର ଗ୍ରାମାଞ୍ଚଳ ରାସ୍ତାଘାଟ ବିଷୟରେ ଆଲୋଚନା
- ଶୀଘ୍ର ରାସ୍ତା ନିର୍ମାଣକୁ ଗୁରୁତ୍ୱ

ରାୟଗଡ଼ା ଅଫିସ,୨୬।୮



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ରାୟଗଡ଼ା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ମୁକ୍ତିର ଅମୃତ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଜିଲାର ଗ୍ରାମାଞ୍ଚଳ ରାସ୍ତା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ପରେ ଗ୍ରାମାଞ୍ଚଳରେ ରାସ୍ତାଘାଟର ବିକାଶକୁ ନେଇ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳକୁ ନିତିଦିନିଆ ରାସ୍ତା ନିର୍ମାଣ ନିମନ୍ତେ ୨୦୦୦ ମସିହା ଡିସେମ୍ବର ୨୫ ରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)କାର୍ଯ୍ୟକାରୀ ହୋଇଛି। ଯୋଜନାର ପ୍ରଥମ ସଂସ୍କରଣରେ ରାୟଗଡ଼ା ଜିଲାରେ ୫୯୫ ଟି ତଥା ୨୯୩୪.୧୮୧କି.ମି. ନିତିଦିନିଆ ରାସ୍ତା ନିର୍ମାଣ କରାଯିବା ସହ ୧୭ ସେତୁର କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ୧୩ ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ବଳକା ୪ ଟି ସେତୁର କାର୍ଯ୍ୟ ଚାଲିଛି। ଦ୍ୱିତୀୟ ସଂସ୍କରଣରେ ତିଆରି ହୋଇଥିବା ମୁଖ୍ୟ ରାସ୍ତା ଗୁଡ଼ିକର ଉନ୍ନତିକରଣ ଏବଂ ଜିଲାରେ ୧୪ ଟି ତଥା ୧୪୬.୭୫୭ କି.ମି. ରାସ୍ତା ନିର୍ମାଣ ହୋଇଛି। ତୃତୀୟ ସଂସ୍କରଣରେ ୪ ଟି ସେତୁ କାର୍ଯ୍ୟ ହାତକୁ ନିଆଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ବୈଠକରେ ଜିଲାପାଳ ସରୋଜ କୁମାର ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ପିଏମ୍‌ଜିଏସ୍‌ୱାଇକୁ ପ୍ରଶଂସା କରିଛନ୍ତି। ତେବେ ଜିଲାର ୪୨୩ ଗାଁକୁ ରାସ୍ତା ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ତେଣୁ ସମସ୍ତ ଗାଁକୁ କିପରି ରାସ୍ତା ହୋଇପାରିବ ସେ ନେଇ ପଦକ୍ଷେପ ନେବାକୁ ଜିଲାପାଳ ଗ୍ରାମ୍ୟ ଉନ୍ନୟନ ବିଭଗର ଅଧୀକ୍ଷଣ ଯନ୍ତ୍ରୀ ସୁଧୀର ନାୟକଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୭ରେ ରାଜଭବନ ଆଗରେ ଧାରଣା

**ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି**

ଗୁଣପୁର,୨୬।୮(ଡି.ଏନ୍.ଏ.)

ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଚାଲିଥିବା ଆନ୍ଦୋଳନ ୨୬ଦିନରେ ପହଞ୍ଚିଛି। ଗୁରୁବାର ସହରର ଫଟୋଗ୍ରାଫର ମାନେ ଆନ୍ଦୋଳନରେ ସାମିଲହୋଇ ନୀରବ ଶୋଭାଯାତ୍ରା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବାକୁ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୭ରେ ରାଜଭବନ ତଥା ରାଜ୍ୟପାଳଙ୍କ ବାସଭବନ ସମ୍ମୁଖରେ ଦିନିକିଆ ପ୍ରତୀକାତ୍ମକ ଧାରଣା ଦିଆଯିବ। ଏଥିସହ ରାଜ୍ୟପାଳଙ୍କ ସମେତ ଜଳ ସମ୍ପଦ ମନ୍ତ୍ରୀ, ସଚିବ, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କୁ ଭେଟି ଦାବି ବିଷୟରେ ଅବଗତ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।

## ରେଳ ପ୍ରକଳ୍ପ, ଅଞ୍ଚଳ ସମସ୍ୟା ନେଇ ଆଲୋଚନା


ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ସଦସ୍ୟଙ୍କଠାରୁ ଏମ୍‌ପି ଦାବିପତ୍ର ଗ୍ରହଣ କରୁଛନ୍ତି।

**ବ୍ରହ୍ମପୁର ଏମ୍‌ପିଙ୍କୁ ଭେଟିଲେ ଉନ୍ନୟନ ପରିଷଦ ପ୍ରତିନିଧି ମଣ୍ଡଳୀ**

ପଦ୍ମପୁର,୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ପାରଳାଖେମୁଣ୍ଡି ଠାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ସାକ୍ଷାତକରି ବିଭିନ୍ନ ରେଳ ପ୍ରକଳ୍ପ ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପ୍ରସ୍ତାବିତ ଗୁଣପୁର-ଥେରୁବାଲି ରେଳପଥ ପଦ୍ମପୁର ଦେଇ ଯିବା ଓ ଗୋପାଳପୁର-ସିଙ୍ଗାପୁର ରୋଡ୍ (ରାୟଗଡ଼ା) ରେଳପଥର କାର୍ଯ୍ୟ ତ୍ୱରାନ୍ୱିତ କରିବା, ଗୁଣପୁରଠାରୁ ନୌପଡ଼ା ପର୍ଯ୍ୟନ୍ତ ରେଳପଥ ଦୋହରୀକରଣ ଏବଂ ଗୁଣପୁରଠାରୁ ଟେକିଲି ପର୍ଯ୍ୟନ୍ତ ରେଳଷ୍ଟେସନର ନବୀକରଣ ବିଷୟରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପୁରୀ-ଗୁଣପୁର ଟ୍ରେନ୍‌ର ସମୟ ପରିବର୍ତ୍ତନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ। ଏହି ସମସ୍ତ ବିଷୟରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିନିଧି ମଣ୍ଡଳୀକୁ ଏମ୍‌ପି ସାହୁ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଉନ୍ନୟନ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଜୟଶଙ୍କର ମିଶ୍ର, ସଭାପତି ରଘୁନାଥ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ଦାଶ, ଗଙ୍ଗାଧର ପଣ୍ଡା, ଜଗଦୀଶ ଚନ୍ଦ୍ର ସାହୁ, ଉଦୟ ଚନ୍ଦ୍ର ସାହୁ ପ୍ରମୁଖ ରହିଥିଲେ। ଏଥିପୂର୍ବରୁ ଏହି ପ୍ରତିନିଧି ମଣ୍ଡଳୀ ରାୟଗଡ଼ା ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ମଧ୍ୟ ଭେଟି ଦାବି ଜଣାଇଥିଲେ।

## ସମ୍ଭାବ୍ୟ ମରୁଡ଼ି ମୁକାବିଲା ନେଇ ଆଲୋଚନା

ନବରଙ୍ଗପୁର,୨୬।୮(ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଶୋକ ମେହେଟା ସଭାଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲାରେ ସ୍ୱଳ୍ପ ବୃଷ୍ଟି ଯୋଗୁ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ମରୁଡ଼ି ସ୍ଥିତି ପରିଚାଳନା ଏବଂ ମୁକାବିଲା ପାଇଁ ବୈଠକରେ ଆଲୋଚନା ହୋଇଛି।

ଜଳ ସମ୍ପଦ, କୃଷି ଏବଂ ଶକ୍ତି ବିଭାଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଜିଲାର କୃଷି, ଜଳବିଭାଜିକା, ପଶୁ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗରେ ଲକ୍ଷ୍ୟ ଧାର୍ଯ୍ୟରୁ ବହୁତ କମ୍ ଶ୍ରମ ଦିବସ ସୃଷ୍ଟି କରିଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ନିଜ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ସହ ଆଲୋଚନା କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସାତଦିନ ମଧ୍ୟରେ ଧାର୍ଯ୍ୟ ଶ୍ରମ ଦିବସ ସୃଷ୍ଟି ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତାଗିଦ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ କେନାଲ ମରାମତି କାର୍ଯ୍ୟ ଶେଷକରି ଚାଷୀଙ୍କୁ ଅବଶ୍ୟକ ଜଳ ଯୋଗାଇଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଚଳ ଉଠାଜଳସେଚନ ପଏଣ୍ଟଗୁଡିକ ମରାମତି କରାଯାଇ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ଯୋଗାଇବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମୀଧର ଜେନା, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦାସ, ସୁଶାନ୍ତ ସାହୁ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଦୋଷ ପଣ୍ଡା, ଓଡ଼ିଶା କୃଷି ଶିଳ୍ପ ନିଗମ ଜିଲା ପରିଚାଳକ ପ୍ରଦୀପ୍ତ କୁମାର ନିସିକା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ବିଜେଡିରେ ମିଶିଲେ ୭୦୦ ଅନ୍ୟ ଦଳର କର୍ମୀ

ଉମରକୋଟ, ୨୬।୮(ସ୍ୱ.ପ୍ର.)

ନବରଙ୍ଗପୁର ଉମରକୋଟ ବ୍ଲକ୍ ବୁର୍ଜା ପଞ୍ଚାୟତ ପଦିଆଗୁଡ଼ାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୭୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଭିନ୍ନ ଦଳରୁ ଆସି ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବ ଦ୍ୱାରା ବିଜେଡି ଆହୁରି ମଜଭୁତ ହେବ ବୋଲି ଏମ୍‌ପି ରମେଶ ମାଝି କହିଛନ୍ତି। ଏହି ମିଶ୍ରଣ ପର୍ବରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ବିଜେଡି ସଂଯୋଜକ



ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ଲାଇବନ ଭକ୍ତ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ନବୀନା ନାୟକ, ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ, ବ୍ଲକ ସଭାପତି ଅଜିତ ପ୍ରଧାନ, ମନୋଜ ଧଳ, ଚିନା ବାବୁ, ପ୍ରବୀଣା କଲାର, ବେବିନା ଧଳ, ବାପି ସିଲ, ପର୍ଶୁରାମ ପାତ୍ର, ବୀରସିଂ ମାଝି, ପୁସ୍ତମ ପୂଜାରୀଙ୍କ ସହ ଅନ୍ୟ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## 'ପଛୁଆବର୍ଗଙ୍କୁ ଅବହେଳା କରାଯାଉଛି'

**ପଛୁଆବର୍ଗ ମହାସଂଘର ଅଭିଯୋଗ**

ଚନ୍ଦାହାଣ୍ଡି, ୨୬।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବସ୍‌ଷ୍ଟାଣ୍ଡରେ ବୁଧବାର ପଛୁଆବର୍ଗ ଜନସାଧାରଣଙ୍କ ଏକ ମହାସମ୍ମିଳନୀ ସାମାଜିକ କର୍ମୀ ମୋତିଲାଲ ହଂସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଛୁଆବର୍ଗ ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୁଷୋତ୍ତମ ପାରି, ମଧୁସୂଦନ ନାୟକ, ମହିନ୍ଦ୍ର ନାୟକ, ଗୌରହରି ନାୟକ, ଭୋଦେବ ଗୌଡ଼, ଯାଦବ ବଗର୍ତ୍ତି, ବଳରାମ ପଟ୍ଟନାୟକ, କମଳୁ ମନହୀରା, ଝୁମୁକଲାଲ ସାହୁ, ନୀଳମଣି ଗୌଡ଼, ଶେଷମଲ ନାୟକ, ଲଚୀନ ଗୌଡ଼ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପଛୁଆବର୍ଗଙ୍କ ପ୍ରତି ସରକାର ପାତରଅନ୍ତର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଚନ୍ଦାହାଣ୍ଡି ବ୍ଲକର ୭୦ ପ୍ରତିଶତ ଜନସାଧାରଣ ପଛୁଆବର୍ଗର ହୋଇଥିବା ବେଳେ ସରକାର ସଂରକ୍ଷଣ ନାଁରେ ଗ୍ରହଣ କରୁଥିବା ପାତରଅନ୍ତର ନୀତିକୁ ସମ୍ମିଳନୀରେ ବିରୋଧ କରାଯାଇଛି।

୫ଶହରୁ ଊର୍ଦ୍ଧ୍ୱ ପଛୁଆବର୍ଗ ଜନସାଧାରଣ ଏକ ଶୋଭାଯାତ୍ରାରେ ବାହାରି ଥିଲେ। ସେମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି ଜନଜାତି ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ, ନବରଙ୍ଗପୁର ଏମ୍‌ପି, ଝରିଗାଁ ବିଧାୟକ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଧର୍ମରାଜ ମାଝିଙ୍କୁ ଦାବିପତ୍ର ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ପଦବୀଗୁଡ଼ିକୁ ସଂରକ୍ଷିତ ନ କରିବାକୁ ନେତାମାନେ ଦାବି କରିଥିଲେ। ତୁରନ୍ତ ଆସନ ସଂରକ୍ଷଣ ବିଷୟରେ ବିଚାରକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷା, ରାଜନୈତିକ କ୍ଷେତ୍ରରେ ୨୭% ସଂରକ୍ଷଣ, ଜିଲାଭିତ୍ତିକ ନିଯୁକ୍ତି, କୃଷିକ୍ଷେତ୍ରରେ ସମସ୍ତ ଚାଷୀଙ୍କୁ ସରକାରୀ ସୁବିଧା ସହ ଜଙ୍ଗଲ ଜମିର ସ୍ୱତ୍ୱାଧିକାର ପଛୁଆବର୍ଗ ଲୋକଙ୍କୁ ଦିଆଯାଉ ବୋଲି ଦାବି କରାଯାଇଛି। ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ଛାତ୍ରାବାସ ସୁବିଧା ସହ ବ୍ଲକ୍‌କୁ ଓବିସି ବ୍ଲକ ଘୋଷଣା, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ, ସରପଞ୍ଚ ପଦ ସଂରକ୍ଷଣ, ନଦୀବନ୍ଧ କରାଯାଇ ସମସ୍ତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା । ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି।


ଲୋକମାନେ ଶୋଭାଯାତ୍ରାରେ ଦାବିପତ୍ର ଦେବାକୁ ବାହାରିଛନ୍ତି।

## ଆମ୍ବୁଲାନ୍ସକୁ ପିଟିଲା ଟ୍ରକ୍, ଚାଳକ ଗିରଫ

ବିଷମକଟକ,୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କାର୍ଯ୍ୟାଳୟ ନିକଟରେ ବୁଧବାର ରାତିରେ ଏକ ମାଲ୍ ବୋଝେଇ ଟ୍ରକ୍ ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଛି। ସୌଭାଗ୍ୟବସତଃ ଆମ୍ବୁଲାନ୍ସରେ କେହି ରୋଗୀ ନ ଥିବାବେଳେ ଆମ୍ବୁଲାନ୍ସ ଚାଳକ ଏବଂ ଦୁଇ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ, ମାଲ୍ ବୋଝେଇ ଟ୍ରକ୍(ସିଜି ୦୬ ଜିକ୍ୟୁ ୩୦୦୨)ଟି ରାୟଗଡ଼ାରୁ ଭବାନିପାଟଣା ଯାଉଥିଲା। ଏହି ସମୟରେ କୋରାପୁଟ ଡାକ୍ତରଖାନାରେ ରୋଗୀଙ୍କୁ ପହଞ୍ଚାଇ ଆମ୍ବୁଲାନ୍ସଟି କଳାହାଣ୍ଡି ଜିଲା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଫେରୁଥିଲା। ବିଷମକଟକଠାରେ ଗାଡ଼ି ଅଟକିଥିବା ବେଳେ ଟ୍ରକ୍‌ଟି ତାକୁ ପଛରୁ ପିଟିଥିଲା ବୋଲି ଆମ୍ବୁଲାନ୍ସ ଚାଳକ ବିଭୁତି ବିଶ୍ୱାଳ କହିଛନ୍ତି। ଟ୍ରକ୍ ଚାଳକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିଲେ ବୋଲି ଜଣାପଡ଼ିଛି। ବିଷମକଟକ ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି।

## ରାଇଘରରେ ପାନଚାଷ, ଛତିଶଗଡ଼ ପଠାଇବା ଲକ୍ଷ୍ୟ

ରାଇଘର, ୨୬।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକର ସଦାଶିବ ସାମନ୍ତରାୟ ପାନଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପୂର୍ବରୁ ସେ ବ୍ରହ୍ମପୁର, ଭୁବନେଶ୍ୱର ଓ ଛତିଶଗଡ଼ରୁ ପାନ କିଣି ବେପାର କରୁଥିବାବେଳେ ଏବେ ନିଜେ ଚାଷ କରୁଛନ୍ତି। ତାଙ୍କର ୨ ପୁଅ ଏଥିରେ ସହଯୋଗ କରୁଛନ୍ତି ବୋଲି ସଦାଶିବ କହିଛନ୍ତି।

ବର୍ଷ ହେବ ପାନ ବେପାର କରୁଛନ୍ତି। ବ୍ରହ୍ମପୁର, ଭୁବନେଶ୍ୱର ଓ ଛତିଶଗଡ଼ରୁ ପାନ କିଣି ନିଜ ବେପାର କରୁଥିଲେ। ରାଇଘରକୁ ବସ୍ ଚଳାଚଳ କରୁ ନ ଥିବାବେଳେ ଉମରକୋଟକୁ ଯାଇ ପାନ ଆଣୁଥିଲେ। ଏହାପରେ ନିଜେ ଜମି କିଣି ଧାନ ଓ ପରିବାଚାଷ କରୁଥିଲେ। ଏଥିମଧ୍ୟରେ ସେ କେବେକି ପାନ ବିକ୍ରି ବନ୍ଦ କରି ନ ଥିଲେ। ପାନ ବିକ୍ରିକରି ତିନି ପୁଅ ଗୋଟିଏ ଝିଅକୁ ମଣିଷ କରିଛନ୍ତି। ପୁଅ ବଡ଼ ହେବା ପରେ ପାନ ବିକ୍ରି ଓ ଚାଷରେ ବାପାଙ୍କୁ ସହଯୋଗ କରିଥିଲେ। ଏହାପରେ ସମସ୍ତେ ମିଶି ଗତବର୍ଷ ପାନଚାଷ ଆରମ୍ଭ କରିଥିଲେ। ପୁଅମାନଙ୍କ ସହ ତାହାର ଯତ୍ନ ନେବାକୁ ଲାଗିଥିଲେ। ସଦାଶିବ ଏବେ ନିଜ ଜମିରୁ ପାନ ସଂଗ୍ରହକରି ବିକ୍ରି କରୁଛନ୍ତି। ସରକାରୀ ସୁବିଧା ମିଳିଲେ ପାନ ଅଧିକ ମାତ୍ରାରେ ଚାଷ କରିବି। ଆଗାମୀ ଦିନରେ ଆଖପାଖ ଅଞ୍ଚଳ ସହ ପଡ଼ୋଶୀ ଛତିଶଗଡ଼କୁ ପାନ ଯୋଗାଇବାକୁ ଲକ୍ଷ୍ୟ ଅଛି ବୋଲି ସେ କହିଛନ୍ତି।


ସଦାଶିବଙ୍କ ପାନବରଜ ।

## କିଷାନ ସଭାକାର୍ଡ ନାଁରେ ଲକ୍ଷାଧିକ ଟଙ୍କା ଠକେଇ

**ଗୁଣପୁର ଅଞ୍ଚଳର ଚାଷୀଙ୍କ ଅଭିଯୋଗ**

ଗୁଣପୁର,୨୬।୮(ଡି.ଏନ୍.ଏ.)

କିଷାନ ସଭାକାର୍ଡ ନାମରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗୁଣପୁର ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଏହି ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଲୋକଙ୍କ ଅଭିଯୋଗ ଅନୁଯାୟୀ, କେତେଜଣ ବ୍ୟକ୍ତ ସେମାନଙ୍କ ନିକଟକୁ ଆସି କିଷାନ ସଭାକାର୍ଡ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ମିଳିବ ବୋଲି କହିଥିଲେ। ଏଥିରେ ସେମାନେ ବିଶ୍ୱାସ କରି କିଷାନ ସଭାକାର୍ଡ କରିଥିଲେ। ଏହି କାର୍ଡ ବାବଦକୁ ପ୍ରତ୍ୟେକଙ୍କ ଠାରୁ ୨୦୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଏବେ ଟଙ୍କା ଠକେଇ ହୋଇଥିବା ଜାଣି ସେମାନେ ଚିନ୍ତାରେ ପଡ଼ିଥିବା ଗଣମାଧ୍ୟମ ନିକଟରେ ଜଣାଇଛନ୍ତି। ଏଥିସହ ସେମାନେ ନ୍ୟାୟ ଦାବି କରିଛନ୍ତି। ଗୁଣପୁର ବ୍ଲକର ଲୁଙ୍ଗୁରତାଲ, ରେଗେଡ଼ା, ଗାଦିଆଖଳା ଆଦି ଅଞ୍ଚଳର ଚାଷୀ ଏପରି ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏହି କାର୍ଡ ଅସଲି ନା ନକଲି ତାହାର ତଦନ୍ତ କରି ନ୍ୟାୟ ଦେବାକୁ ଦାବି କରିଛନ୍ତି। ଏ ନେଇ ଜିଲା କୃଷି ଅଧିକାରୀଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଏଭଳି କୌଣସି କାର୍ଡର ବ୍ୟବସ୍ଥା ନ ଥିବା ସେ କହିଛନ୍ତି।



## ରୋଗଗ୍ରସ୍ତ ପୁଅର ଚିକିତ୍ସାରେ ଅର୍ଥ ବାଧକ

- ଦିଉଡୁଙ୍କ ଅଣ୍ଟାରେ ବଢୁଛି ଟ୍ୟୁମର୍
- ରାୟଗଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପୁଅକୁ ନେଇ ନିରାଶ

ଟିକିରି,୨୬।୮(ଡି.ଏନ୍.ଏ.)


ଶଯ୍ୟାଶାୟୀ ଦିଉଡୁ ମାଝି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସଙ୍କରଡ଼ା ପଞ୍ଚାୟତ ବଡ଼ ପୁକେଲ ଗ୍ରାମର ସୋଦ୍ରି ମାଝି। ସ୍ୱାମୀ ଏବଂ ପୁଅ ଦିଉଡୁଙ୍କୁ ନେଇ ତାଙ୍କ ସଂସାର କଷ୍ଟେମଷ୍ଟେ ଚାଲିଥିଲା। ହେଲେ ପୁଅ ଛୋଟ ହୋଇଥିଲା ବେଳେ ସ୍ୱାମୀ ଆରପାରିକୁ ଚାଲିଗଲେ। ଏହାପରେ ପରିବାରର ଦାୟିତ୍ୱ ସୋଦ୍ରି ନିଜେ ନେଇଥିଲେ। ଡଙ୍ଗରଚାଷ ଏବଂ ଶୁଖିଲା କାଠ ବିକ୍ରିକରି ତେଲଲୁଣ ସଂସାର ଚଳାଉଥିଲେ। ପୁଅ ବଡ଼ ହେଲେ ଦୁଃଖ ଯିବ ବୋଲି ସେ ଆଶା ରଖିଥିଲେ। କିନ୍ତୁ ଏତିକିରେ ତାଙ୍କ ଦୁଃଖ ସରି ନ ଥିଲା। ୪ ବର୍ଷ ତଳେ ଦିଉଡୁ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଅଣ୍ଟାରେ ଏକ ଟ୍ୟୁମର ବଢୁଥିବାରୁ ସେ ଜୀବନ ସହ ସଂଘର୍ଷ କରୁଛନ୍ତି। ମା' ଧାରକରଜ କରି ପୁଅକୁ ଚିକିତ୍ସା ପାଇଁ କାଶୀପୁରଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ନେଇଛନ୍ତି। ହେଲେ ରୋଗ ଭଲ ହେଇପାରିନାହିଁ। ଏବେ ଚିକିତ୍ସା ପାଇଁ ଆଉ ସମ୍ବଳ ନାହିଁ। ସାହାଯ୍ୟ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

୪ବର୍ଷ ତଳେ ପ୍ରଥମେ ଦିଉଡୁଙ୍କ ମେରୁଦଣ୍ଡ ଓ ଅଣ୍ଟା ଉପରେ ଏକ ଛୋଟ ମାଂସ ପିଣ୍ଡୁଳା ହୋଇଥିଲା। ପରେ ତାହା ଧୀରେ ଧୀରେ ବଢ଼ିବା ସହ ଯନ୍ତ୍ରଣା ଆରମ୍ଭ ହେଲା। ମା' ପ୍ରଥମେ ତାଙ୍କୁ ରାୟଗଡ଼ା, କୋରାପୁଟ, ବ୍ରହ୍ମପୁର ଏବଂ ଭୁବନେଶ୍ୱର ଏମ୍‌ସ ମଧ୍ୟ ନେଇ ଚିକିତ୍ସା କରାଇଥିଲେ। ହେଲେ ଉଚ୍ଚ ଚିକିତ୍ସାର ଆବଶ୍ୟକତା ଥିବା କହି ଡାକ୍ତର ଫେରାଇ ଦେଇଥିଲେ। ଫଳରେ ମାତ୍ର ୧୮ ବର୍ଷ ବୟସରେ ଦିଉଡୁ ଏବେ ଖଟିଆରେ ପଡ଼ି ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହୋଇଛନ୍ତି। ପୁଅକୁ ଏଭଳି ଏହା ଦେଖି ସୋଦ୍ରି ଭାଙ୍ଗିପଡ଼ିଛନ୍ତି। ଦିଉଡୁ ମଧ୍ୟ ପାଗଳଙ୍କ ପରି ଯାହାକୁ ଦେଖିଲେ ଜୀବନ ବଞ୍ଚାଇବାକୁ ଆକୁଳ ନିବେଦନ କରୁଛନ୍ତି। ଏ ବିଷୟରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ପ୍ରଶାସନିକ ସହାୟତା ମିଳିପାରିନାହିଁ। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି ହୋଇଛି।

## ହିତାଧିକାରୀଙ୍କୁ ମିଳିଲା ସ୍ମାର୍ଟ କାର୍ଡ

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ତଥା ଯୁବ ବିଜେଡି ଜିଲା ସଭାପତି ଆଡମା ରାବା ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଗୁରୁବାର ନିଲିଗୁଡା, ଏର୍ବନପାଲି, ମାଟେରୁ ଓ କୁଞ୍ଜନପାଲି ଗ୍ରାମରେ ହିତାଧିକାରୀଙ୍କୁ ଏହି ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ଏସ୍.ଶ୍ରୀନୁ, ଏସ୍.କେ. କାଦର, ଯୁବ ବିଜେଡି ସମ୍ପାଦକ ମେଷାକ ରବି ମାଦ୍ରୀ, ପ୍ରଫୁଲ୍ଲ ହରିଜନ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ପୁଣି ଥରେ ସଂଘ ସଭାପତି ହେଲେ ବାସ ପ୍ରଧାନୀ

ଦଶମନ୍ତପୁର, ୨୬।୮( ଡି.ଏନ୍.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଜୋନ୍-୧ରେ ଶିକ୍ଷକ ସଂଘ ସଭାପତି ପଦବୀ ପାଇଁ ଗୁରୁବାର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବାସ ପ୍ରଧାନୀ ପୁଣି ଥରେ ଶିକ୍ଷକ ସଂଘ ସଭାପତି ହୋଇଛନ୍ତି। ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶାଖା ଆଞ୍ଚଳିକ ଶିକ୍ଷକ ସଂଘ ସମ୍ପାଦକ ସୁରେନ୍ଦ୍ର କୁଳଦୀପ, ଜିଲା ଶିକ୍ଷକ ସଂଘ ସମ୍ପାଦକ ରାଜେନ୍ଦ୍ର ସାହୁ, ଜୋନ୍-୨ର ପୋଡ଼ାଗଡ଼ ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ରଥ, ଦଶମନ୍ତପୁର ଶିକ୍ଷକ ସଂଘ ଉପସଭାପତି କୃଷ୍ଣ ମହାରଣା, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଗରଡ଼ା, ଉପ ସଭାନେତ୍ରୀ ସ୍ମରଣୀ ମଞ୍ଜରୀ ସେଠୀ, ସହ ସମ୍ପାଦକ ଦୁର୍ଯ୍ୟୋଧନ ସାଗର, ସଞ୍ଜୀବ ଖୋସ୍‌ଲା, ଗଣେଶ୍ୱର ଜେନା, କୋଷାଧକ୍ଷ ବାମଦେବ ମହାନ୍ତି, ସଂଯୋଜକ ପ୍ରକାଶ ନାଗ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୩ ବର୍ଷ ଧରି ଶିକ୍ଷକ ସଂଘ ସଭାପତି ଥିବା ଚାଉଳକନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନୀଙ୍କୁ ପୁଣି ଥରେ ସଭାପତି ରୂପେ ନିର୍ବାଚିତ୍ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଗରଡ଼ା ପରିଚାଳନା କରିଥିଲେ।

## ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୬।୮(ନି.ପ୍ର.)-ଜୟପୁର ପୌରାଞ୍ଚଳର ଜୟନଗରଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଘର ଘର ବୁଲି ଲୋକଙ୍କୁ ସଚେତନ କରାଯାଉଛି। ଏସ୍‌ଏସ୍‌ଜି ମହିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମସ୍ତ ଯୋଜନା ବିଷୟରେ ଅବଗତ କରାଯାଉଛି। କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଅଞ୍ଜଳି ମିଶ୍ର, ଜିଲା ସମ୍ପାଦିକା ସୁରଭି ପାଣି, ଜୟପୁର ମହିଳା ମୋର୍ଚ୍ଚା ସଭାପତି ସାବିତ୍ରୀ ବେହେରା, ଉପସଭାପତି ଭବାନୀ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୨୬।୮(ଡି.ଏନ୍.ଏ.)- ମାଲକାନଗିରି ଜିଲା ଜଜ୍ ରେଖା ପ୍ରସାଦ ଏକ ହତ୍ୟା ମାମଲାର ଶୁଣାଣିକରି ଅଭିଯୁକ୍ତ ଜିନୁ ଶିଶାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରାଯାଇଛି। ଏହା ଅନାଦେୟ ହେଲେ ଆଉ ୧ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦାତୁନଗୁଡ଼ା ଗ୍ରାମର ବୁଦୁ ପୂଜାରୀଙ୍କ ପୁଅ ପଣ୍ଡା ପୂଜାରୀ ସ୍ତ୍ରୀ ଶୁଭ ପୂଜାରୀଙ୍କ ସହ ଟନେଲ କ୍ୟାମ୍ପରେ ରହୁଥିଲେ। ତାଙ୍କ ଶ୍ୱଶୁରଙ୍କ ସାନଭାଇଙ୍କ ମୃତ୍ୟୁ ଖବର ପାଇ ୨୦୧୯ ଅକ୍ଟୋବର ୨୬ ତାରିଖ ସନ୍ଧ୍ୟାରେ ଶ୍ୱଶୁର ଘରକୁ ଯାଇଥିଲେ। ସେହିଦିନ ରାତି ସାଢେ ୯ଟାରେ ପଣ୍ଡା ଏକାକୀ ଘରକୁ ଫେରୁଥିବା ସମୟରେ ତାଙ୍କ ସଢୁ ଜିନୁ ଶିଶାଙ୍କ ସହ ଭେଟ ହୋଇଥିଲା। ଉଭୟେ ସାଙ୍ଗ ହୋଇ ପଣ୍ଡାଙ୍କ ଘରକୁ ଆସିଥିଲେ। ସେଠାରେ ଜିନୁ ରାତିରେ ରହିଥିଲେ। କୌଣସି କାରଣରୁ ପଣ୍ଡାଙ୍କୁ ହତ୍ୟାକରି ଜିନୁ ଫେରାର ହୋଇଯାଇଥିଲେ। ପଣ୍ଡାଙ୍କ ବାପା ବୁଦୁ ଏନେଇ ଚିତ୍ରକୋଣ୍ଡା ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଜିନୁଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏହି ମାମଲା ଜିଲା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାକୁ ସରକାରୀ ଓକିଲ ମହେନ୍ଦ୍ର କୁମାର ନାଗ ପରିଚାଳନା କରୁଥିଲେ।

# ମଣ୍ଡିକାର୍ଡ ହାତେଇବା ପାଇଁ ସାଜିଥିଲେ ନକଲି ଚାଷୀ

- ଭୁଲ୍ ତଥ୍ୟ, ଜାଲ୍ ପଟ୍ଟାକୁ ଧରିଲା ଲ୍ୟାମ୍ପ
- ନୀଳଗିରି ଗଛ ଲଗାଇ ଧାନଚାଷ କରିଥିବା ଦର୍ଶାଯାଇଛି
- ନକଲି ଚାଷୀଙ୍କ ନାମରେ ଥାନାରେ ମାମଲା ହେବ

କାଲିମେଳା,୨୬।୮(ଡି.ଏନ୍.ଏ.)

ମଣ୍ଡିରେ ଖରିଫ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ମାଲକାନଗିରି ଜିଲା କାଲିମେଳା ଲ୍ୟାମ୍ପରେ ମଣ୍ଡିକାର୍ଡ ହାତେଇବା ପାଇଁ ଭୁଲ୍ ତଥ୍ୟ ଓ ଜାଲ୍ ପଟ୍ଟା ଦାଖଲକରି ୩ଜଣ ନକଲି ଚାଷୀ ଧରାପଡ଼ିଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ପଞ୍ଜୀକରଣ ବେଳେ ଲ୍ୟାମ୍ପରେ ଫର୍ମ ସହ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିଛନ୍ତି। ଲ୍ୟାମ୍ପ ପକ୍ଷରୁ ଦାଖଲ ପ୍ରମାଣପତ୍ରଗୁଡ଼ିକ ଯାଞ୍ଚ ବେଳେ ୩ ନକଲି ଚାଷୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୁମୁକା ପଞ୍ଚାୟତର ଏମ୍‌ପିଭି-୧୦ ଗ୍ରାମର ସୁରେନ୍ଦ୍ର ରାୟଙ୍କ ସ୍ତ୍ରୀ ପ୍ରମିଳା ରାୟ। ମଣ୍ଡି ପାଇଁ ଖାତା ନଂ. ୧୬୬, ପ୍ଲଟ୍ ନଂ. ୩୮ ଦର୍ଶାଇ ୨ ଏକର ୬୫ ଏରିଆର ପଟ୍ଟା ଦାଖଲ କରିଥିଲେ। ଏହାର ସତ୍ୟତା ଆର୍‌ଆଇ ଏବଂ ଭିଏଲ୍‌ଡବ୍ଲ୍ୟୁ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବାରୁ ଉକ୍ତ ସ୍ଥାନରେ ନୀଳଗିରି ଗଛ ଲାଗିଥିବା ଦେଖିବାକୁ ପାଇ ପ୍ରମିଳାଙ୍କୁ ପ୍ଲଟ୍ ନିକଟକୁ ଡକାଇଥିଲେ। ପ୍ରମିଳା ପହଞ୍ଚି ନିଜ ପ୍ଲଟ୍‌ରେ ନୀଳଗିରି ଗଛ ଲଗାଇ ଏଠାରେ ଧାନଚାଷ କରିଥିବା ଦର୍ଶାଇ ମଣ୍ଡି କାର୍ଡ ପାଇଁ ଆବେଦନ କରିଲେ। ନାଲାଗୁଣ୍ଟି ପଞ୍ଚାୟତ ଇଦିକୋଣ୍ଡା ଗ୍ରାମର ଉଙ୍ଗା ମାଡକାମିଙ୍କ ପୁଅ ପଦିଆ ମାଡକାମି ନିଜ ନାମରେ ମଣ୍ଡିକାର୍ଡ ପାଇଁ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ପଟ୍ଟାକୁ ଚଞ୍ଚକତା କରି ଲ୍ୟାମ୍ପରେ ଦାଖଲ କରିଥିଲେ। ସେ ଫର୍ମରେ ଖାତା ନଂ. ୫, ପ୍ଲଟ୍ ନଂ. ୫୩୫ ଥିବା ଏକ ପଟ୍ଟା ଦାଖଲ କରିଥିଲେ। ଲ୍ୟାମ୍ପ ଯାଞ୍ଚ ବେଳେ ଏହି ପଟ୍ଟା ଇଦିକୋଣ୍ଡା ଗ୍ରାମର ଆଡମା ମାଡକାମିଙ୍କ ନାମରେ ରହିଥିବା ଜଣାପଡ଼ିଥିଲା। ସେହିପରି ଅନ୍ୟ ଜଣେ ନକଲି ଚାଷୀ ହେଲେ ଇଦିକୋଣ୍ଡା ଗ୍ରାମର ଆନ୍ଦା ସୋଡିଙ୍କ ପୁଅ ଭୀମା ସୋଡି। ସେ ନିଜ ନାମରେ ଅନ୍ୟ ଜଣଙ୍କ ପଟ୍ଟା ଦାଖଲ କରି ମଣ୍ଡିକାର୍ଡ ହାତେଇବାକୁ ଚାହୁଁଥିଲେ। ଭୀମା ତାଙ୍କ ଗ୍ରାମର ଲକ୍ଷ୍ମା ସୋଡିଙ୍କ ଖାତା ନଂ. ୭୭, ପ୍ଲଟ୍ ନଂ .୪୧୬, ୪୧୭, ୪୨୨, ୪୩୦ର ଜମିପଟ୍ଟାରେ ଥିବା ନାମକୁ ବଦଳାଇ ନିଜ ନାମ ଲେଖି ଦାଖଲ କରିଥିଲେ। କାଲିମେଳା ତହସିଲଦାର ମଧ୍ୟ ଦାଖଲ ଏହି ପଟ୍ଟାଗୁଡିକ ନକଲି ବୋଲି ଚିହ୍ନଟକରି ଲ୍ୟାମ୍ପକୁ ଜଣାଇଛନ୍ତି । ଏନେଇ ଲ୍ୟାମ୍ପ ଏମ୍‌ଡି ଚନ୍ଦନ କୁମାର ମାଦଳାଙ୍କୁ ପଚାରିବାରୁ ସେ କହିଲେ, ୩ ଜଣ ନକଲି ଚାଷୀ ଚିହ୍ନଟ ହୋଇଛନ୍ତି। ପ୍ରଶାସନକୁ ଭୁଲ୍ ତଥ୍ୟ ଦେଇଥିବାରୁ ଏମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯିବ। ଅନ୍ୟ ଫର୍ମ ଯାଞ୍ଚ ଚାଲିଥିବା ମାଦଳା କହିଛନ୍ତି।

## ୧୦ରୁ ଊର୍ଦ୍ଧ୍ୱ ବିପଦସଙ୍କୁଳ ଗଛ କାଟିବାକୁ ଦାବି


କଳାନିକେତନ ଛକଠାରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଆମ୍ବଗଛ।

କୋରାପୁଟ,୨୬।୮(ସ୍ୱ.ପ୍ର.)

କୋରାପୁଟ ସହର ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୧୦ରୁ ଊର୍ଦ୍ଧ୍ୱ ଗଛ ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାକୁ କଟାଯାଉ ନ ଥିବାରୁ ଯାତାୟାତ ବେଳେ ଯାତ୍ରୀଙ୍କ ପାଇଁ ବିପଦ ପାଲଟୁଛି। କୋରାପୁଟ ସହରର କଳାନିକେତନ ଛକଠାରେ ଥିବା ଏକ ପୁରୁଣା ଆମ୍ବ ଗଛର ପ୍ରାୟ ଅର୍ଦ୍ଧାଧିକ ଭାଗ ଉଇ ଲାଗି ନଷ୍ଟ ହୋଇଯାଇଛି। ଯେକୌଣସି ମୁହୂର୍ତ୍ତରେ ଗଛଟି ଉପୁଡ଼ିଯିବା ସମ୍ଭାବନା ରହିଛି। ଏହି ଗଛକୁ ତୁରନ୍ତ କାଟି ସଫା କରିବା ଲାଗି ଜନସାଧାରଣ ଦାବି କରିଛନ୍ତି। ସେହିପରି ସହର ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱର ଓଏମ୍‌ପି, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ, ବାଟମଙ୍ଗଳା ଛକ ଆଦି ସ୍ଥାନରେ ଦୀର୍ଘଦିନ ହେଲା ୧୦ରୁ ଅଧିକ ଶୁଖିଯାଇଥିବା ପୁରୁଣା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି । କୋରାପୁଟ-ସୁନାବେଡ଼ା ରାସ୍ତାରେ ମଧ୍ୟ ଅନେକ ପୁରୁଣା ଗଛ ଦୀର୍ଘ ଦିନ ହେଲା ବିପଦସଙ୍କୁଳ ଭାବେ ରହିଥିବା ଜଣାଯାଇଛି। ଜାତୀୟ ରାଜପଥ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଉଛି। ଏନେଇ କୋରାପୁଟ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ କହିଲେ, ଏ ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

# ସମସ୍ୟା ବୁଝିଲେ, ସମାଧାନ ନିର୍ଦ୍ଦେଶ ଦେଲେ

### ବୟନ ଶିଳ୍ପ ମନ୍ତ୍ରୀଙ୍କ କୁନ୍ଦୁରା ବ୍ଲକ ଗସ୍ତ

କୁନ୍ଦୁରା,୨୬।୮ (ଡି.ଏନ.ଏ.)-


ବିଡିଓ ସ୍ନେହପ୍ରଭା ମାଝିଙ୍କ ସହ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକକୁ ଗୁରୁବାର ରାଜ୍ୟ ହସ୍ତତନ୍ତ ଏବଂ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ସହ ଅଲୋଚନା କରିଛନ୍ତି। ପ୍ରଥମେ ମନ୍ତ୍ରୀ କୁନ୍ଦରା ବ୍ଲକ ସଦର ମହକୁମାର ବଙ୍ଗଳାଠାରେ ବ୍ଲକସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ବାଗଦେରିସ୍ଥିତ ଶ୍ରୀଜଗନ୍ନାଥ ବିଦ୍ୟାପୀଠକୁ ଯାଇ ସେଠାରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ କମଳାକାନ୍ତ ସ୍ୱାଇଁ ବିଦ୍ୟାଳୟରେ ଛାତ୍ରମାନଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ଛାତ୍ରୀଛାତ୍ରଙ୍କ ନିମନ୍ତେ ସାଇକେଲ ଷ୍ଟାଣ୍ଡ, ପିଇବା ପାଣି ଏବଂ ଏକ ଅତିରିକ୍ତ ଶ୍ରେଣୀ ଗୃହ ଯୋଗାଇ ଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ଗ୍ରାମରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ବାଗଦେର ପଞ୍ଚାୟତ ଅନ୍ତର୍ଗତ ବୁଦାଗୁ ଅଞ୍ଚଳ ପରିଦର୍ଶନ କରି ସେଠାରେ ବାସ କରୁଥିବା ଆଦିମ ଅଧିବାସୀ ଦୁରୁଆ ସମାଜ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସଂଘ ଗୃହ ପାଇଁ ୫ ଲକ୍ଷ ଟଙ୍କ ସେ ବିଧାୟକ ପାଣ୍ଠିରୁ ଯୋଗାଇ ଦେଇଥିବା ଓ ଗ୍ରାମରେ ସ୍ୱୟଂ ସହାୟକ ସଂଘ ଗୃହ ନିର୍ମାଣ ଲାଗି ୩ ଲକ୍ଷ ଟଙ୍କା କାର୍ଯ୍ୟାଦେଶ ପ୍ରଦାନ କରିଥିବା ସେ ସୂଚନା ଦେଇଥିଲେ। ଦୁରୁଆ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ନେଇ ସମସ୍ତ ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ଦିନ ହେଲା ଦୁରୁଆ ଜନଜାତି ଆଦିବାସୀ ହୋଇଥିବା ସ୍ଥଳେ ସେମାନଙ୍କୁ ମାନ୍ୟତା ମିଳି ନ ଥିବାରୁ ସେମାନେ କୌଣସି ସରକାରୀ ସୁବିଧା ସୁଯୋଗ ପାଉନାହାନ୍ତି। ଜିରଗୁ ଗ୍ରାମର ୩୨ ଜଣ ଯୁବକ ମନ୍ତ୍ରୀ ପଦ୍ମିନୀ ଦିଆନ, କୋଟପାଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷ୍ୟକ ସୂର୍ଯ୍ୟ ନାରାୟଣ ରଥ, ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଅଞ୍ଚଳର ରାସ୍ତା ଘାଟ ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ କରିବାକୁ ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ମଧ୍ୟ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଅଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର,ବରିଷ୍ଠ ନେତା ରାଧା ବିନୋଦ ସାମନ୍ତରାୟ, ପ୍ରଦୀପ କୁମାର ନାୟକ,ସମିତିସଭ୍ୟ କନକଲତା ପେଣ୍ଟିଆ,ସବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନଶିକ୍ଷା ସଂସ୍ଥା ପକ୍ଷରୁ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମ

ଜୟପୁର,୨୬।୮(ନି.ପ୍ର.)

ଜୟପୁର ବ୍ଲକର ଉମୁରି ପଞ୍ଚାୟତର ସୌରାଗୁଡ଼ାଠାରେ ସ୍କିଲ୍ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବ୍ଲକ ଅଧକ୍ଷା ସୁକାନ୍ତି ବାଗଦେରିଆ ଓ ଉପାଧକ୍ଷ ଈଶ୍ୱର ବାଘ ଜନଶିକ୍ଷା ସଂସ୍ଥାର କାର୍ଯ୍ୟକ୍ରମ ସହାୟକ ପ୍ରଣବ କିଶୋର ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକ ଅନ୍ତର୍ଗତ ପଞ୍ଚାୟତର ଗ୍ରାମଗୁଡିକରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ଏହି ଜନଶିକ୍ଷା ସଂସ୍ଥାର ଲକ୍ଷ୍ୟ। ମହିଳାମାନେ ନିଜେ ଆତ୍ମନିର୍ଭରଶୀଳ ହୋଇ କାର୍ଯ୍ୟ କରିବାକୁ ଏହି କାର୍ଯ୍ୟକ୍ରମ ଦ୍ୱାରା ଧୂପକାଠି ତିଆରି, ସିଲେଇ, ଏମ୍ବ୍ରୋଡରି , ଇଲେକ୍‌ଟ୍ରୋନିକ, ଛତୁଚାଷ ଆଦି ଶିକ୍ଷା ପ୍ରଦାନ ବ୍ୟବସ୍ଥା ରହିଥିବା ନାୟକ ସୂଚନା ଦେଇଥିଲେ। ଫଳରେ କେତେଜଣ ମହିଳା ଆଗ୍ରହ ପ୍ରକାଶ କରି ସିଲେଇ, ଏମ୍ବ୍ରୋଡରି ଶିକ୍ଷା ଗ୍ରହଣ କରିବା ଦେଖିବାକୁ ମିଳିଥିଲା।

## ୧୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

### ପରିବହନ ବିଭାଗ, ପୋଲିସ୍‌ର ମିଳିତ ଯାଞ୍ଚ

ବୈପାରିଗୁଡ଼ା,୨୬।୮ (ଡି.ଏନ୍.ଏ.)

ଗୁରୁବାର ବୈପାରିଗୁଡ଼ା ମୁଖ୍ୟ ଛକଠାରେ ପୋଲିସ୍ ଓ ପରିବହନ ବିଭାଗର ଏକ ମିଳିତ ଧରପଗଡ ହୋଇଥିଲା। ୭୬ ଜଣ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୬ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। । ଅନ୍ୟପକ୍ଷରେ କରୋନା କଟକଣା ଯୋଗୁ ଦୀର୍ଘ ଦିନ ହେବ ଲର୍ନିଂ ଲାଇସେନ୍ସପାଇଁ ଆବେଦନ ଓ ସ୍ଲଟ ବୁକିଂ ବନ୍ଦ ଥିଲା। ଅନେକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ ମଧ୍ୟ ସ୍ଲଟ ନ ମିଳିବାରୁ ଲାଇସେନ୍ସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଲକ୍ ଡାଉନ୍ କୋହଳ ହେବା ପରେ ଗତ ୨୩ରୁ ସ୍ଲଟ ବୁକିଂ ଆରମ୍ଭ ହୋଇଛି। ବହୁ ଆବେଦନକାରୀ ସ୍ଲଟ ଅପେକ୍ଷାରେ ଅଛନ୍ତି। ଏପରିସ୍ଥଳେ ଲାଇସେନ୍ସ ନ ଦେଇ ଏବାବଦକୁ ବିଭାଗ ଜରିମାନା ଆଦାୟ କରିବା ନେଇ ନାପସନ୍ଦ କରାଯାଇଛି। ସେହିପରି ଗତ ଜୁଲାଇ ୨୩ରେ ବୈପାରିଗୁଡ଼ା ବ୍ଲକ ବୋଦପୁଟ ପଞ୍ଚାୟତର ଚାଷୀ ବିରଞ୍ଚି କାମୁଡି ବୈପାରିଗୁଡ଼ା ଲ୍ୟାମ୍ପକୁ ମଣ୍ଡି ପଞ୍ଜୀକରଣ ପାଇଁ ଆସିଥିଲେ। ତେବେ ଗୁଣ୍ଡାଗୁଡାଠାରେ ଏମ୍‌ଭିଆଇ ଯାଞ୍ଚରେ ଫସିଥିଲେ। ବିରଞ୍ଚି ହେଲମେଟ୍ ପିନ୍ଧି ନ ଥିବାରୁ ତାଙ୍କୁ ଅଟକାଇ ଥିଲେ । ହେଲମେଟ ନ ପିନ୍ଧିବା ପାଇଁ ୧ ହଜାର ଟଙ୍କା ଏବଂ ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ୫ ହଜାର ଟଙ୍କା ମୋଟ ୬ ହଜାର ଟଙ୍କା ଫାଇନ୍ ପକାଇଥିଲେ। ନଗଦ ଟଙ୍କା ନ ଥିବାରୁ ସେ ଅନଲାଇନ୍‌ରେ ଚାଲାଣ କାଟିଥିଲେ। ତେବେ ସେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି, ସ୍ଲଟ ମିଳି ନ ଥିବା କହିଥିଲେ ମଧ୍ୟ ତାଙ୍କ କଥା ଏମଭିଆଇ କର୍ମଚାରୀମାନେ ଶୁଣି ନ ଥିଲେ।

# ଗଦବା, କନ୍ଧ ଜନଜାତିଙ୍କ ଜନଜୀବନକୁ ନେଇ ପୁସ୍ତକ

କୋରାପୁଟ,୨୬।୮(ସ୍ୱ.ପ୍ର.)



ଅତିଥିମାନେ ଗଦବା ଓ କନ୍ଧ ଜନଜାତିଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟ ନ୍ୟାଶ (ଇନ୍‌ଟାକ୍) ଓଡ଼ିଶା ଶାଖା ପକ୍ଷରୁ ଆଦିବାସୀ ଜନଜୀବନକୁ ନେଇ ଏକ ପୁସ୍ତକ ଗୁରୁବାର ଉନ୍ମୋଚିତ ହୋଇଯାଇଛି। କୋରାପୁଟରେ ଜନଜାତି କନ୍ଧ ଓ ଗଦବାମାନଙ୍କ ଐତିହ୍ୟକୁ ଲିପିବଦ୍ଧ କରିବା ପାଇଁ ଏକ ପ୍ରକଳ୍ପ କାର୍ଯ୍ୟ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା। ପ୍ରକଳ୍ପର ତଥ୍ୟକୁ ଆଧାରକରି ରଚିତ ଏହି ପୁସ୍ତକକୁ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ କମଳା ପୂଜାରୀ ଉନ୍ମୋଚନ କରିଥିଲେ। ଇନ୍‌ଟାକ୍‌ର ସଦସ୍ୟ ତଥା ପରିବେଶବିତ୍ ଅନିଲ ଧୀର ଓ ପରିବେଶବିତ ବିଶ୍ୱଜିତ ମହାନ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଆଦିବାସୀ ଐତିହ୍ୟ ସୁରକ୍ଷାର ଜଣେ ଜାଗ୍ରତ ପ୍ରହରୀ ହେଉଛନ୍ତି ପଦ୍ମଶ୍ରୀ କମଳା। କାଳକ୍ରମେ କୋରାପୁଟର ହଜିଯାଉଥିବା ପାରମ୍ପରିକ ଧାନ ବିହନ ସଂଗ୍ରହ ଓ ସଂରକ୍ଷଣ କରି ସେ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ହାତରେ ଏହି ପ୍ରକଳ୍ପର ପୁସ୍ତକ ଉନ୍ମୋଚନ କରାଇ ଇନ୍‌ଟାକ୍‌ଓଡ଼ିଶା ଶାଖା ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ପରିବେଶବିତ୍ ଧୀର କହିଥିଲେ। କୋରାପୁଟର ଦୁଇ ଜନଜାତି ଗଦବା ଓ କନ୍ଧଙ୍କ ସାମାଜିକ ଚଳଣି, ସାମାଜିକ ଅନୁଷ୍ଠାନ, ବର୍ଷର ବିଭିନ୍ନ ଋତୁରେ ସେମାନେ ପାଳନ କରୁଥିବା ପର୍ବପର୍ବାଣି ଆଦି ଏହି ପୁସ୍ତକରେ ଉଲ୍ଲେଖ କରାଯାଇଥିବା ଇନ୍‌ଟାକ୍ କୋରାପୁଟର ଆବାହାକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏହି ଅବସରରେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବତନ ଜିଲାପାଳ ଗଦାଧର ପରିଡ଼ାଙ୍କ ସମେତ ଇନ୍‌ଟାକ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ତ୍ରୀ, ପିଲାଙ୍କୁ ଛାଡି ସ୍ୱାମୀ ଫେରାର

### ଥାନାର ଦ୍ୱାରସ୍ଥ ହେଲେ ମହିଳା

ମାଲକାନଗିରି,୨୬।୮(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଅଧୀନ ମାର୍କାପାଲ୍ଲୀ ଗ୍ରାମର ପଦୁରାମ ଭୁମିଆ ଅନ୍ୟ ଜଣେ ଯୁବତୀଙ୍କ ସହ ଫେରାର ହୋଇଥିବା ନେଇ ତାଙ୍କ ସ୍ତ୍ରୀ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପଦୁରାମ ନିଜ ସ୍ତ୍ରୀ ଓ ପିଲାଙ୍କ ସହ ମାର୍କାପାଲ୍ଲୀରେ ରହି ଆସୁଥିଲେ। ୨ ବର୍ଷ ପୂର୍ବ ପଦୁରାମଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଏହାପରେ ସ୍ତ୍ରୀଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ପରିବାର କଥା ବୁଝୁ ନ ଥିଲେ। ଭବିଷ୍ୟତରେ ସବୁ କିଛି ଠିକ୍ ହୋଇଯିବ ଭାବି ସେ ବାଧ ହୋଇ ସବୁ ସହୁଥିଲେ। କିନ୍ତୁ ୨୩ ତାରିଖରୁ ପଦୁରାମ ଉକ୍ତ ଯୁବତୀଙ୍କ ସହ କେଉଁ ଆଡେ ଚାଲି ଯାଇଥିବା ପଦୁରାମଙ୍କ ସ୍ତ୍ରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ୩୫୮/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଜିଲାର ୭୩୫ ଗ୍ରାମକୁ ହୋଇଛି ରାସ୍ତା ସଂଯୋଗ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି,୨୬।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିଆରଡିଏ ସଭା ଗୃହରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦି କା ଅମୃତ ମହୋତ୍ସବ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ରୁରାଲ ରୋଡ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ନିର୍ବାହୀଯନ୍ତ୍ରୀ ଇଂ. ଆର. ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର-୧ର ନିର୍ବାହୀଯନ୍ତ୍ରୀ ଆଶିଷ ଦାସ, ଇଂ. ଆର ଭାରାପ୍ରସାଦ ରାଓ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ମାଲକାନଗିରି ଜିଲାର ପ୍ରଗତିର ରୂପରେଖ ସମ୍ପର୍କରେ ମତ ରଖିଥିଲେ। ଏ ପର୍ଯ୍ୟନ୍ତ ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୪୦୮ଟି ରାସ୍ତା କାର୍ଯ୍ୟ ଶେଷ ହୋଇଛି। ମୋଟ ୧୯୮୭.୩୩ କିମି ରାସ୍ତା ଓ ୨୫ଟି ସେତୁ ନିର୍ମାଣ କରାଯାଇ ୭୩୫ ଗ୍ରାମକୁ ସଂଯୋଗ କରାଯାଇଥିବା କୁହାଯାଇଥିଲା। ଉପ ଜିଲାପାଳ ପ୍ରଧାନ କହିଥିଲେ ଏହି ରାସ୍ତା ନିର୍ମାଣ ଯୋଗୁ ଜିଲାରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବ୍ୟବସାୟର ଉନ୍ନତି ହୋଇଛି। ଠିକାଦାର ପ୍ରଭାକର ପ୍ରଧାନ ଓ ଅଭୟ ରାଉତ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ ନାୟକ ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ଶୀଘ୍ର ଜମି ଅଧିଗ୍ରହଣ କରିବାକୁ ଦାବି

### ମାଲକାନଗିରି-ଜୟପୁର ରେଳ ପ୍ରକଳ୍ପ

ମାଲକାନଗିରି, ୨୬।୮(ଡି.ଏନ.ଏ.)

କେନ୍ଦ୍ର ସରକାର ୨୦୧୬ରେ ମାଲକାନଗିରି -ଜୟପୁର ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ପଦକ୍ଷେପ ନେଇଛନ୍ତି। ଏହି ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ କଚ୍ଛପ ଗତିରେ ଚାଲିଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଛି। ଶୀଘ୍ର ଜମି ଅଧିଗ୍ରହଣ କରି ରେଳପଥ ନେଇ ସୁବିଧା କରିବା ଲାଗି ମାଲକାନଗିରି ଜିଲା ଭାଜପା ଦାବି କରିଛି। ଜମି ଅଧିଗ୍ରହଣ କରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ଦିଗରେ କେନ୍ଦ୍ର ସରକାରଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜିଲା ଭାଜପା ସଭାପତି ତଥା ବିଧାୟକ ଆଦିତ୍ୟ ମାଢ଼ି ପ୍ରକାଶ କରିଛନ୍ତି। ଗୁରୁବାର ଜିଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏହି ଦାବି ରଖିଛନ୍ତି। ଏଥିସହ ୯ କୋଟିଟଙ୍କା ବ୍ୟୟରେ ବି.ଇଡି କଲେଜ ପ୍ରତିଷ୍ଠା କରାଯାଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଉଚ୍ଚ ଶିକ୍ଷା ପାଇଁ ଜିଲାର ଛାତ୍ରୀଛାତ୍ରମାନେ ଆନ୍ଧ୍ର ପ୍ରଦେଶକୁ ଯାଉଛନ୍ତି। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ଜିଲାରେ ବଙ୍ଗଳା ଭାଷାରେ ଶିକ୍ଷାଦାନ ପୁନଃ ପ୍ରଚଳନ କରିବା, ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ପରିବାରଙ୍କୁ ଚିହ୍ନଟ କରି କେନ୍ଦ୍ର ସରକାରଙ୍କୁ ସଠିକ ତଥ୍ୟ ଦେବାକୁ ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ନମାଇଁ ପାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ଜିଲା ସମ୍ପାଦକ ନବଘନ ଲକେଇ, ଜିଲା ଯୁବ ମୋର୍ଚ୍ଚା କୋଷାଧକ୍ଷ ସଞ୍ଜୟ ସରକାର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ସୂଚନା ଦେଉଛନ୍ତି।

# ବର୍ଷା ହେଲେ ସୃଷ୍ଟି ହେଉଛି ପୋଖରୀର ଭ୍ରମ

### ଶୋଚନୀୟ ହୋଇପଡ଼ିଛି ଏମ୍‌ଭି-୩୧ ଗ୍ରାମ ରାସ୍ତା

କୋରୁକୋଣ୍ଡା,୨୬।୮(ଡି.ଏନ୍.ଏ.)


ରାସ୍ତାରେ ଥିବା ଗର୍ତ୍ତରେ ଜମିରହିଥିବା ପାଣି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତର ଟେକଗୁଡ଼ା ଛକଠାରୁ ଏମ୍‌ଭି-୩୧ ଗ୍ରାମକୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ବାଟସାରା ହୋଇଥିବା ଗର୍ତ୍ତରେ ବର୍ଷା ହେଲେ ପାଣି ଜମିରହି କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତର ୨ଟି ଗ୍ରାମ ସମେତ ତୁମୁସାପଲ୍ଲୀ,ଦୁଡମେଟା,ମାରିବାଡା ଏବଂ କମଆଡା ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ରାସ୍ତାର ମାଲକାନଗିରି ସଦରଠାରୁ ବାଲିମେଳା ମୁଖ୍ୟ ରାସ୍ତାକୁ ସଂଯୋଗ ରହିଛି। କୋରୁକୋଣ୍ଡା ବ୍ଲକ ସଦର, ସ୍ୱାସ୍ଥ୍ୟକେନ୍ଦ୍ର,ବ୍ୟାଙ୍କ ଏବଂ ମାଲକାନଗିରି,ବାଲିମେଳାକୁ ଅଞ୍ଚଳବାସୀ ଯାତାୟାତ କରିଥାନ୍ତି। ଏହି ରାସ୍ତାରେ ରାତିରେ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଆଉ କିଛି ଜାଗାରେ ରାସ୍ତା ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହନ୍ତି ଗ୍ରାମର ସଭାପତି ତପନ ବନିକ, ସମ୍ପାଦକ ମନୋହର ବାୱାଲି, ହରିବଲ ଭଟ୍ଟାଚାର୍ଯ୍ୟ, ଖୋକାନ ଦାସ, ବିମଲ ହାଲ୍‌ଦାର, କୃଷ୍ଣକାନ୍ତ ମଲିକ, ଦୟାଲ ବନିକ, ରାକେଶ ମାଝି, ରଞ୍ଜିତ ସର୍ଦ୍ଦାର,ବାସୁଦେବ ମଣ୍ଡଳ ପ୍ରମୁଖ ଗ୍ରାମବାସୀ। ରାସ୍ତା ନିର୍ମାଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ଜେଇ ଲବରାମ ମାଝିଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ମାଡ଼

ମାଲକାନଗିରି,୨୬।୮(ଡି.ଏନ୍.ଏ.)- ଗୁଣିଗାରେଡି ସନ୍ଦେହରେ ମାଡ଼ ମାରିଥିବା ନେଇ ପୀଡିତା ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମାଲକାନଗିରି ଥାନା ଅଞ୍ଚଳର ଦୟାଲୁ ପାତ୍ରଙ୍କ ଝିଅ କିଛିଦିନ ଧରି ଅସୁସ୍ଥ ଥିଲେ। ଉକ୍ତ କଲୋନୀର ୨ଜଣ ମହିଳା ତାଙ୍କ ଝିଅଙ୍କୁ ଗୁଣିଗାରେଡି କରିଥିବା ନେଇ ଦୟାଲୁ ସନ୍ଦେହ କରୁଥିଲେ। ଝିଅ ଦେହ ଠିକ୍ ନ ହେଲେ ଉଭୟଙ୍କୁ ଛାଡିବୁ ନାହିଁ ବୋଲି ଦୟାଲୁ ଧମକ ଦେଉଥିଲେ। ଉକ୍ତ କଥାକୁ ବିଶ୍ୱାସ କରି କୋଲୋନୀର ଉମେଶ ଚଟି, କୁନାଲ ଚଟି, ବିଷ୍ଣୁ ଚଟି ଓ ଉମେଶଙ୍କ ମାଆ ତାଙ୍କ ଘରକୁ ଯାଇ ଗାଳି ଗୁଲଜ କରିବା ସହ ନିସ୍ତୁକ ମାଡ ମାରିଥିଲେ ବୋଲି ପୀଡିତା ଅଭିଯୋଗ କରିଛନ୍ତି। ଏହାପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି ପୀଡିତା କହିଛନ୍ତି। ତାଙ୍କ ଏତେଲାକୁ ଭିତ୍ତି କରି ୩୭୦/୨୧ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି।

### ଅବକାରୀ, ପୋଲିସର ମିଳିତ ଚଢ଼ାଉ: ୨ ଗିରଫ

ବୁଗୁଡ଼ା,୨୬।୮(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ସମଲେଇ ନିକଟବର୍ତ୍ତୀ ବିଭିନ୍ନ ଜଙ୍ଗଲରେ ମଦ ପାଇଁ ପ୍ରସ୍ତୁତ ହେବାକୁ ଥିବା ୩୫୦୦ ଲିଟର ପୋଚ ନଷ୍ଟ ସହ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏଥିସହ ୨ ଜଣଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଭଞ୍ଜନଗର ଓ ବୁଗୁଡ଼ା ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ଗୁରୁବାର ଏହି ମିଳିତ ଚଢ଼ାଉ କରାଯାଇଥିଲା। ଗିରଫ ୨ ଅଭିଯୁକ୍ତ ସମଲେଇ ଗ୍ରାମର ଉତ୍ତମା ନାୟକ ଓ ରାମଚନ୍ଦ୍ର ନାୟକଙ୍କ ନାମରେ ଅବକାରୀ ଥାନାରେ ଦୁଇଟି (ନଂ.୨୦, ୨୧ /୨୧-୨୨) ମାମଲା ରୁଜୁ ହୋଇଛି। ସେମାନଙ୍କଠାରୁ ମଧ ୨୨ ଲିଟର ଦେଶୀମଦ ଜବତ ହୋଇଛି। ତହସିଲଦାରଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ଅବକାରୀ ଥାନାଧିକାରୀ ରମ୍ଭା ବାଘ, ବୁଗୁଡ଼ା ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଚଢ଼ାଉରେ ସାମିଲ ଥିଲେ।

### ନୂତନ ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କାଶୀନଗର,୨୬।୮(ଡି.ଏନ.ଏ.):କାଶୀନଗରରେ ନୂତନ ବ୍ଲକ ଶିକ୍ଷାଧିକାରୀ ଭାବେ ଆଦିକନ୍ଦ ଗମାଙ୍ଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ବିଇଓ ହୃଷୀକେଶ ବିଶ୍ୱାଳ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ଗୋଷାଣୀରେ ବିଆରସି ଥିବା ଗମାଙ୍ଗ ପଦୋନ୍ନତି ପାଇ କାଶୀନଗରର ନୂତନ ବିଇଓ ନିଯୁକ୍ତି ପାଇବା ପରେ କାଶୀନଗର ଶିକ୍ଷାର ଉନ୍ନତି ହେବ ବୋଲି ଆଶା କରାଯାଉଛି।

### ରକ୍ତ ଦେଇ ମହିଳାଙ୍କ ଜୀବନ ବଞ୍ଚାଇଲେ ସନାତନ

ଭଞ୍ଜନଗର,୨୬।୮(ଡି.ଏନ୍.ଏ.): ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ଗତ ସୋମବାରଠାରୁ ରୁଢ଼ାପଦର ଗ୍ରାମର ପ୍ରକାଶ ମଲିକଙ୍କ ସ୍ତ୍ରୀ ସସ୍ମିତା ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ରକ୍ତହୀନତାରେ ପୀଡ଼ିତ ସହ ହିମୋଗ୍ଲୋବିନ ବହୁତ କମ ଥିବାରୁ ତୁରନ୍ତ ସସ୍ମିତାଙ୍କୁ ୩ ୟୁନିଟ 'ଏ' ପଜିଟିଭ ରକ୍ତଦେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବୁଧବାର ଯୋଗୀମାରି ଗ୍ରାମର ସନାତନ ବିଷୋୟୀ ଆଉ ୧ ୟୁନିଟ ରକ୍ତଦାନ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁର ସଦସ୍ୟ ଅରକ୍ଷିତ ପରିଛାଙ୍କ ଠାରୁ ଖବରପାଇ ସାମାଜିକ କର୍ମୀ ନିଲୁ ବିଷୋୟୀଙ୍କ ସହଯୋଗରେ ସେ ଭଞ୍ଜନଗର ରକ୍ତ ଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ରକ୍ତ ସସ୍ମିତାଙ୍କୁ ଦିଆଯାଇଥିଲା। ସସ୍ମିତାଙ୍କ ସ୍ୱାମୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

### ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ଦାବି

ଛତ୍ରପୁର,୨୬।୮(ଡି.ଏନ.ଏ.): ଗଞ୍ଜାମ ବ୍ଲକ ମଲାଡ ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗୁରୀ, କାଠପଡା, ପଣିବନ୍ଧ, କୁଶପଲ୍ଲି ଓ ଚୈତନ୍ୟପୁର ଗ୍ରାମର ଚାଷୀମାନେ ଅଚଳ ଅବସ୍ଥାରେ ଥିବା ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ୫ ଖଣ୍ଡ ଗ୍ରାମର ଚାଷୀ ଓ ମହିଳା ଏସ୍‌ଏଚଜି ଗୁଡ଼ିକ କୌଣସି ସୁବିଧା ପାଇ ନ ପାରି ଖରିଫ ଋଣ, ରବି ଋଣ ଓ ବ୍ୟବସାୟିକ ଋଣରୁ ବଞ୍ଚିତ ହେଉଛନ୍ତି। ସରକାର ଚାଷୀମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରୁଥିଲେ ମଧ ଏଥିରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଲୁଙ୍ଗୁରୀ ସେବା ସମବାୟ ସମିତି କାର୍ଯ୍ୟକ୍ଷମ କରାଇବାକୁ ଚାଷୀମାନେ ଦାବି କରିଛନ୍ତି।

# ହୁରୁମା ଗାଁରେ ଡିବିରି ଭରସା

## ସୌଭାଗ୍ୟ ଯୋଜନାରୁ ମିଳିଲାନି ସୁଫଳ

ବିଷମକଟକ,୨୬।୮(ଡି.ଏନ୍.ଏ.)

ସୌଭାଗ୍ୟ ଯୋଜନାରେ ପ୍ରତ୍ୟେକ ଘରକୁ ବିଜୁଳି ସେବା ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହୋଇଛି। ହେଲେ ଏହି ଯୋଜନା ଅନେକ ପରିବାରର ଭାଗ୍ୟ ବଦଳାଇପାରିନାହିଁ। ଏବେବି ଅନେକ ଗାଁ ଅନ୍ଧାରରେ ରହିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ କଙ୍କୁବାଡ଼ି ପଞ୍ଚାୟତ ମୁଖ୍ୟାଳୟରୁ ମାତ୍ର ୫ କି.ମି. ଦୂରରେ ରହିଥିବା ହୁରୁମା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ପରିସ୍ଥିତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଏଠାକାର ଗ୍ରାମବାସୀ ବିଜୁଳି ଆଲୁଅରୁ ବଞ୍ଚିତ ରହିଛନ୍ତି। ସରକାର ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଖୁଣ୍ଟ, ତାର, ମିଟର ଆଦି ମାଗଣାରେ ଯୋଗାଇବା ନିମନ୍ତେ ଟଙ୍କା ବ୍ୟୟ କରୁଛନ୍ତି। ହେଲେ କେତେଜଣ ଅସାଧୁ ଠିକାଦାର ଓ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ଗ୍ରାମବାସୀ ଯୋଜନାର ସୁଫଳ ପାଇପାରୁନାହାନ୍ତି। ଡିବିରି ଆଲୁଅ ଗ୍ରାମବାସୀଙ୍କ ପାଇଁ ଏକମାତ୍ର ଭରସା ହୋଇଛି।

ଗାଁରେ ୩ଟି ଘରେ ୮ ପରିବାରର ୩୫ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ସମସ୍ତେ ଆଦିମ ଜନଜାତି ଡଙ୍ଗରିଆ ସମ୍ପ୍ରଦାୟର । ଦୁଃଖର ବିଷୟ, ୨୦୧୮ ଅକ୍ଟୋବରରେ ବନ୍ଧୁଗୁଡ଼ା ଗ୍ରାମକୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ହେଲେ ଏହି ଗ୍ରାମଠାରୁ ମାତ୍ର ୩ କି.ମି. ଦୂରରେ ରହିଥିବା ହୁରୁମା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରି ନ ଥିଲା। ବନ୍ଧୁଗୁଡ଼ା ଗ୍ରାମବାସୀ ଉକ୍ତ କାର୍ଯ୍ୟ ତଦାରଖ କରୁଥିବା ବିଦ୍ୟୁତ୍ ବିଭାଗର ଠିକାଦାରଙ୍କୁ ବାରମ୍ବାର ଜଣାଇଥିଲେ ମଧ ସୁଫଳ ମିଳି ନ ଥିଲା। ସୋଲାର ସାହାଯ୍ୟରେ ବିଦ୍ୟୁତ୍ ଯୋଗାଇ ଦିଆଯିବ କରି ଗ୍ରାମବାସୀଙ୍କୁ ଠିକାଦାର ଭୁତାଇ ଦେଇଥିଲେ। କିନ୍ତୁ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଯେଉଁଦିନର ରୋଜଗାର ସେହିଦିନ ସରୁଥିବାରୁ ଆଦିବାସୀମାନେ ବିଦ୍ୟୁତ୍ ସରଞ୍ଜାମ କିଣିବାକୁ ଅକ୍ଷମ। ତେଣୁ ଭାଗ୍ୟକୁ ଆଦରି ସେମିତି ଅନ୍ଧାରରେ ରହୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ହିସାବରେ ସୌଭାଗ୍ୟ ଯୋଜନାରେ ଯେତିକି ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ସ୍ଥିର ହୋଇଥିଲା ତାହା ସମ୍ପୂର୍ଣ୍ଣ ହୋଇଛି। ତେଣୁ ଯୋଜନା ବନ୍ଦ ରହିଥିବା କୁହାଯାଇଛି। ତେବେ ବିଦ୍ୟୁତ୍ ବିଭାଗ ଠିକ୍‌ଭାବେ ତଦନ୍ତ କରି ଶୀଘ୍ର ଏହି ଗ୍ରାମକୁ ବିଦ୍ୟୁତ୍ ସେବା ପହଞ୍ଚାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗର ସହକରୀ ଯନ୍ତ୍ରୀ ଶିବପ୍ରସାଦ ଲେଙ୍କାଙ୍କୁ ପଚାରିବାରୁ ହୁରୁମା ଗ୍ରାମ ସୌଭାଗ୍ୟ ଯୋଜନା ଅନ୍ତର୍ଭୁକ୍ତ ନ ଥିଲା ବୋଲି କହିଛନ୍ତି। ଏବେ ଜିଲାପାଳ ସମସ୍ତ ଗାଁକୁ ବିଦ୍ୟୁତ୍ ସେବା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗ୍ରାମକୁ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି।

# କଲ୍ୟାଣ ବିଭାଗ ହାଇସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ




ଚନ୍ଦ୍ରପୁର,୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୩ ହାଇସ୍କୁଲରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ହେଲା କେହି ପ୍ରଧାନ ଶିକ୍ଷକ ନ ଥିବା ଜଣାପଡ଼ିଛି। ଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ରାଇବିଜିସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି। ସ୍କୁଲଗୁଡ଼ିକରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଚାଲିଛି। ତେବେ ଠିକ୍‌ଭାବେ ପାଠପଢ଼ା ହେଉ ନ ଥିବା ଅନେକ ଅଭିଭାବକ ଏବଂ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏମିତିକି ନାମଲେଖା, ସାର୍ଟିଫିକେଟ ପ୍ରଦାନ ଆଦି କାମ ମଧ ଠିକ୍‌ଭାବେ ହୋଇପାରୁ ନ ଥିବା କହିଛନ୍ତି। ସେହିପରି ଜିଲାରେ ୧୫୦ରୁ ଊର୍ଦ୍ଧ୍ୱ ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ ରହିଛି। ହେଲେ ଅନେକ ସ୍କୁଲରେ ପ୍ରଧାନ ଶିକ୍ଷକ ନ ଥିବା ଜଣାପଡ଼ିଛି। ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ମନ୍ତ୍ରୀ ଏହି ଜିଲାର ହୋଇଥିବାରୁ ସମସ୍ୟାର ସମାଧାନ ନେଇ ସେ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ବିଷୟରେ ରାୟଗଡ଼ା ଜିଲା ଗ୍ରାମ ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଶୀଘ୍ର ଡିପିସି କମିଟି ବସିବ। ଏହାପରେ ସମସ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।

# ଅସରାଏ ବର୍ଷାରେ ସୃଷ୍ଟି ହେଉଛି କୃତ୍ରିମ ହ୍ରଦ

## ନବରଙ୍ଗପୁରରେ ସୁଧୁରୁନି ଡ୍ରେନ୍ ସମସ୍ୟା

ନବରଙ୍ଗପୁର,୨୬।୮(ବି.ପ୍ର.)


ସାହିରେ ଜମି ରହିଥିବା ବର୍ଷା ଜଳ ।

ନବରଙ୍ଗପୁର ସହରର ମଦର ଡ୍ରେନ୍(ମୁଖ୍ୟ ଡ୍ରେନ୍) ସମସ୍ୟାରେ ସୁଧାର ଆସୁନାହିଁ। ଫଳରେ ବର୍ଷ ସାରା ଲୋକେ ଅସୁବିଧା ଭୋଗୁଛନ୍ତି। ତେବେ ବର୍ଷାଦିନରେ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହାକୁ ନେଇ ଲୋକେ ଅତିଷ୍ଠ ହେଲେଣି। ସ୍ଥାନୀୟ ବୈଷ୍ଣବ ବିହାର, ଆଇସିଆଇ ଲେନ୍ ଓ ଡାକ୍ତର ପ୍ଲାଜା ଲାଇନ୍ ଆଦି ବିଭିନ୍ନ କଲୋନିରେ ଅସରାଏ ବର୍ଷାରେ କୃତ୍ରିମ ହ୍ରଦ ସୃଷ୍ଟି ହେଉଥିବା ନଜରକୁ ଆସୁଛି। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଏହାଦ୍ୱାରା ମଶା, ମାଛିଙ୍କ ଉପଦ୍ରବ ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ମ୍ୟାଲେରିଆ, ଫାଇଲେରିଆ ଓ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ଏ ନେଇ ସ୍ଥାନୀୟ ବାସିନ୍ଦା ୫-ଟି ସଚିବ, ମୋ ସରକାର ଓ ନବରଙ୍ଗପୁର ପୌର ସଂସ୍ଥାକୁ ବାରମ୍ବାର ଅଭିଯୋଗ କରିଛନ୍ତି। ତଥାପି ସମାଧାନ ନେଇ କେହି ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳର ବିମ୍ବରାଜ ପାତ୍ର, ଅଜୟ ପାଣିଗ୍ରାହୀ, ବିଜୟ ନାୟକ, ସପନ ମିଶ୍ର, ଟି. ସତ୍ୟନାରାୟଣା, ଶରତ ନନ୍ଦ, ବି. କେ. ନାୟକ, ମୁନୁ ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଶେଷକରି ଉକ୍ତ ୩ କଲୋନିରେ ରହୁଥିବା ୪୦ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ଉପଜିଲାପାଳ ଏବଂ ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ଅପହୃତ ଯୁବକ ଘରେ ପହଞ୍ଚିଲେ

ଖଜୁରିପଡ଼ା/ବଲସକୁମ୍ପା, ୨୬।୮(ଡି.ଏନ.ଏ.)

କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ କଇଁଝୋର ନିକଟସ୍ଥ ମାଲ୍‌ଭୂଇଁ ଗ୍ରାମର ଅଭିଜିତ ସାହୁ (୧୯) ତାଙ୍କ ଭିଣୋଇ ଘର ଖଜୁରିପଡ଼ା ଥାନା ଅନ୍ତର୍ଗତ ରାଘାପଦର ଗ୍ରାମକୁ ଆସିଥିଲେ। ମଙ୍ଗଳବାର ସକାଳେ ଖଉମୁଣ୍ଡା ଗାଁକୁ ଖେଳିବାକୁ ଯାଇଥିବା ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇ ଫୋନରେ କଥା ହେଉଥିବା ବେଳେ ହଠାତ୍ ଗୋଟେ ବୋଲେରୋରେ ୫ ଜଣ ଯୁବକ ଆସି ତାଙ୍କୁ ଧକ୍କା ମାରି ମୁହଁରେ ଔଷଧ ସ୍ପ୍ରେ କରି ଅପହରଣ କରି ନେଇଗଲେ। ବୁଧବାର ଚେତା ଫେରିବା ପରେ ସେ ଭବାନୀପାଟଣାରେ ଥିବା ଜାଣିବାକୁ ପାଇଥିଲେ। ଅପହରଣକାରୀ ମାନେ ନିଶାସକ୍ତ ଅବସ୍ଥାରେ ଥିବା ସୁଯୋଗ ନେଇ ଅଭିଜିତ ଭବାନୀପାଟଣା ଟାଉନ ଥାନାରେ ପହଞ୍ଚି ସମସ୍ତ ଘଟଣା ପୋଲିସକୁ କହିଥିଲେ। କିନ୍ତୁ ଅପହରଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ ଘର ଲୋକଙ୍କୁ ଫୋନ୍ କରି ଖବର ଦେବା ପରେ ଘର ଲୋକ ଏକ ଗାଡ଼ିରେ ଭବାନୀପାଟଣା ଟାଉନ ଥାନାକୁ ଯାଇ ଯୁବକଙ୍କୁ ସଙ୍ଗରେ ଧରି ରାଘାପଦର ଗାଁକୁ ଫେରିଛନ୍ତି ବୋଲି ଭିଣୋଇ କୁନା ପ୍ରଧାନ ସୂଚନା ଦେଇଛନ୍ତି।

# ଆଉ ଏକ ସକାଳ ସ୍ମରଣିକା ଉନ୍ମୋଚିତ

## ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ

ଗୁଣପୁର,୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସେବା ସମାଜ ପରିସରରେ ଗୁରୁବାର ବିଶିଷ୍ଟ ପ୍ରାବନ୍ଧିକ ତଥା ଦାର୍ଶନିକ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକି ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ହେଉଥିବା ବକ୍ତୃତାମାଳା ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଜୀବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ 'ଆଉ ଏକ ସକାଳ' ସ୍ମରଣିକାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସନ୍ଧାନ ଭୁବନେଶ୍ୱର ଏବଂ ଗୁଣପୁର ସେବାସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମ ମିଳିତ ଭାବେ ଆୟୋଜନ କରାଯାଇଥିଲା। ପଦ୍ମଶ୍ରୀ ବିବେଚିତା ଶାନ୍ତି ଦେବୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ଆଇନଜୀବୀ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଏବଂ ସେବା ସମାଜର ସମ୍ପାଦିକା ରାଜେଶ୍ୱର ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଜୟ କୁମାର ବାବୁ, ପ୍ରମିଳା ସ୍ୱାଇଁ, ଗୌରାଙ୍ଗ ଚରଣ ରାଉତ, ଚନ୍ଦନ କୁମାର ସିଂହ, ଅନନ୍ତ କୁମାର ସାମନ୍ତ, ସ୍ତମ୍ଭାକାର ମନୋରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ଚିତ୍ତରଞ୍ଜନଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ।

# ଦୁର୍ନୀତିଖୋର ଅଧିକାରୀଙ୍କୁ ତାଗିଦ

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)


ବୈଠକରେ ଏମ୍‌ପି , ବିଧାୟକ ଓ ଅନ୍ୟମାନେ ।

ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ୪୬ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା, ଉପାଧ୍ୟକ୍ଷ ଆର. ବିଜୟ କୁମାର ଓ ବିଭିନ୍ନ ବ୍ଲକ ଅଧ୍ୟକ୍ଷ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ପାରଳାଖେମୁଣ୍ଡି ବିଧାୟକ ଜିଲାରେ ବିଭିନ୍ନ ବିଭାଗରେ ହେଉଥିବା ଦୁର୍ନୀତି ନେଇ ପ୍ରଶ୍ନ ଉଠାଇଥିଲେ। ଜିଲାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲାପାଳଙ୍କୁ କେତେଜଣ ଅଧିକାରୀ ଭୁଲ ତଥ୍ୟ ଦେଇ ଦୁର୍ନୀତି କରିବାକୁ ଚେଷ୍ଟା କରୁଥିବାରୁ ବିଧାୟକ ତାଗିଦ କରିଥିଲେ। କେତେଜଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଡ଼ିଓ ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଦୁର୍ନୀତି ପାଇଁ ଫୋନରେ ନିର୍ଦ୍ଦେଶ ଦିଆଯାଉଛି ବୋଲି ସେ କହିଥିଲେ। ସେହିପରି ମୋହନା ବିଧାୟକ ମଧ ନିଜ ନିର୍ବାଚନ ମଣ୍ଡଳୀରେ ସମାନ ସମସ୍ୟା ପ୍ରସଙ୍ଗ ଉଠାଇଥିଲେ। ଜିଲାସ୍ତରୀୟ ଅଧିକାରୀମାନଙ୍କ ଅନାବଶ୍ୟକ ହସ୍ତକ୍ଷେପ ଯୋଗୁ ଉନ୍ନୟନ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହେଉଛି। ଜିଲାପାଳ ଏସବୁ ପ୍ରତି ଦୃଷ୍ଟି ଦେବାକୁ ମୋହନା ଏବଂ ପାରଳାଖେମୁଣ୍ଡି ବିଧାୟକ ଦାବି ଉଠାଇଥିଲେ। ତେବେ ବୈଠକରେ ଦୁଇ ବିଧାୟକ ଜିଲାସ୍ତରୀୟ ଅଧିକାରୀମାନଙ୍କ ବିରୋଧରେ ଅଭିଯୋଗ ଆଣିବା ଘଟଣାରେ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି।

### ମଦ ପ୍ରସ୍ତୁତି ସରଞ୍ଜାମ ସହ ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ଜିଲା ଅବକାରୀ ବିଭାଗ ଗୁରୁବାର ମୋହନା ବ୍ଲକ ଅଞ୍ଚଳରେ ଚଢ଼ାଉ କରି ୨୪୦୦ ଲିଟର ପୋଚ ଏବଂ ୧୧୦ ଲିଟର ମହୁଲି ଜବତ କରିଛି । ଏଥିରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟୁକୁନା ବେହେରା ଓ ଲକ୍ଷ୍ମୀ ପାଢୀ ।

# ବୁଢ଼ିବାଲି ପଞ୍ଚାୟତକୁ ଅପହଞ୍ଚ ନେଟ୍‌ୱର୍କ ସେବା

ଚନ୍ଦ୍ରପୁର,୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଢ଼ିବାଲି ପଞ୍ଚାୟତ। ୪୭ ଗ୍ରାମରେ ୪ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏଠାରେ ବସବାସ କରୁଛନ୍ତି। ଏଠାକାର ପ୍ରମୁଖ ସମସ୍ୟା ହେଲା ଟେଲିଫୋନ୍ ସେବା। ପଞ୍ଚାୟତ ସଦରଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହା ଉପରେ ୪୭ ଖଣ୍ଡ ଗ୍ରାମର ଲୋକ ନିର୍ଭରଶୀଳ। ଅଧିକ ଦେହ ଖରାପ ହେଲେ ୧୫ କି.ମି. ଦୂରରେ ଥିବା ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ ରୋଗୀ ଯିବାରେ ସମସ୍ୟା ହୋଇଥାଏ। ନେଟ୍‌ୱର୍କ ସମସ୍ୟା ଯୋଗୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ସମ୍ଭବ ହୋଇ ନ ଥାଏ। ସେହିପରି ପିଲାମାନେ ଅନ୍‌ଲାଇନ ପାଠପଢ଼ାରୁ ମଧ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଗ୍ରାମର ଶିକ୍ଷିତ ଯୁବକ ଆକାଶ ଗଗେରଙ୍ଗା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗେରଙ୍ଗା ପ୍ରମୁଖ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି।

# ୨ ଟ୍ରାକ୍ଟର ମାଲିକ ଗଣିଲେ ଜରିମାନା

## ବେଆଇନ ବାଲି ଚୋରା ଚାଲାଣ ଧରପଗଡ

କୋରୁକୋଣ୍ଡା ୨୬।୮( ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ଗ୍ରାମ ଦେଇ ପ୍ରବାହିତ ହେଉଥିବା ନଦୀରୁ ବାଲି ଚୋରା ଚାଲାଣ ହେଉଛି। ଏଥିରେ ରୋକ ଲଗାଇବାକୁ କୋରୁକୋଣ୍ଡା ରାଜସ୍ୱ ବିଭାଗ ମଙ୍ଗଳବାର ୩ଟି ଟ୍ରାକ୍ଟରରୁ ୮ ହଜାର ଟଙ୍କା ଜରିମାନା ଅଦାୟ କରିଛି।

ମାଲକାନଗିରି -ବାଲିମେଳା ମୁଖ୍ୟ ରାସ୍ତାର କୋରୁକୋଣ୍ଡା ନିକଟସ୍ଥ ନଦୀରୁ ଦିନ ଦିପହରରେ ବାଲି ୩ଟି ଟ୍ରାକ୍ଟର(ଓଡ଼ି୩୦ ସି-୧୮୮୨,ଓଡ଼ି୩୦ ବି-୪୬୨୧ ଏବଂ ଓଡ଼ି୩୦ସି-୯୨୦୯)ରେ ଚୋରା ଚାଲାଣ ହେଉଥିବା ସୂଚନା ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ରାଉତ ଏକ ଟିମ ନେଇ ଚଢାଉ କରିଥିଲେ। ବାଲିଚାଲାଣ ସମ୍ପର୍କିତ ପ୍ରମାଣପତ୍ର ଦେଖାଇବାକୁ ଟ୍ରାକ୍ଟରମାଲିକମାନଙ୍କୁ କହିଥିଲେ ମଧ ସେମାନେ ଏହା ଦେଖାଇ ପାରି ନ ଥିଲେ। ଫଳରେ ସେମାନଙ୍କଠାରୁ ୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ନଦୀରୁ ବାଲି ନ ଉଠାଇବା ଲାଗି ରାଜସ୍ୱ ନିରୀକ୍ଷକ ରାଉତ ସେମାନଙ୍କୁ ତାଗିଦ କରିଥିଲେ।


ବେଆଇନ୍ ଭାବେ ନଦୀରୁ ବାଲି ଉଠାଣ କରାଯାଉଛି ।

# ଜୁଡୋ-କର୍ଲାଘାଟି ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

ବିଷମକଟକ,୨୬।୮(ଡି.ଏନ୍.ଏ.)


ନଷ୍ଟ ହୋଇଥିବା ରାସ୍ତାର ଚିତ୍ର।

- ବର୍ଷେ ନ ପୂରୁଣୁ ପିଚୁ ଉଠି ଗର୍ତ୍ତ
- ରକ୍ଷଣାବେକ୍ଷଣ ପାଇଁ ମିଳିଛି ଟଙ୍କା, ଥରଟିଏ ବି ମରାମତି ହୋଇନାହିଁ
- ଠିକାଦାର, ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଜୁଡୋ ରାସ୍ତାରୁ କର୍ଲାଘାଟିକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ) ରାସ୍ତା ବିପଜ୍ଜନକ ଅବସ୍ଥାରେ ରହିଛି। ବ୍ଲକର ଉପାନ୍ତ ଓ ଦୁର୍ଗମ ଅଞ୍ଚଳଭାବେ ପରିଚିତ ରାଶିକଲା ପଞ୍ଚାୟତ। ଏହି ଅଞ୍ଚଳରେ ପକ୍କାରାସ୍ତାଟିଏ ନ ଥିଲା। ଫଳରେ କୌଣସି ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁ ନ ଥିଲା। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ଗର୍ଭବତୀ ଏବଂ ରୋଗୀଙ୍କୁ ଖଟିଆରେ ବୋହି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼ୁଥିଲା। ଏହି ଦୁର୍ଗମ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲାର ବିଷମକଟକ ଓ ଗୁଡାରି ବ୍ଲକର ୪୦ ରୁ ୫୦ ଖଣ୍ଡ ଗ୍ରାମବାସୀଙ୍କ ସୁବିଧା ଏବଂ ଅଞ୍ଚଳର ବିକାଶ ନିମନ୍ତେ ଭଲ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ସହ ଅର୍ଥ ଆତ୍ମସାତ୍ କରାଯାଇଥିବା ରାଶିକଲା ସରପଞ୍ଚ ଭରତ ହିକାବାଡ଼ି ଅଭିଯୋଗ କରିଛନ୍ତି।

୨୦୧୭-୧୮ ମସିହାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୭ କିଲୋମିଟର ୫୫୦ ମିଟର ରାସ୍ତା ନିର୍ମାଣ ପାଇଁ ୭୨୩ ଲକ୍ଷ ୧୭ ହଜାର ଟଙ୍କା ଏବଂ ୫ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ ୫୬ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି କାମ ପାଇଁ ଗୁଣପୁର ଗ୍ରାମର ଠିକାଦାର ସୀମାଞ୍ଚଳ ନିମାଲପୁରୀ ଟେଣ୍ଡର ପାଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଦେଶ ପାଇବା ପରେ ଜୁଡୋ ଛକଠାରୁ କର୍ଲାଘାଟି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ୨୦୧୮ରେ ଆରମ୍ଭ ହୋଇଥିଲା। ମାତ୍ର ନିମ୍ନମାନର କାମ ଯୋଗୁ ବର୍ଷେ ନ ପୂରୁଣୁ ଏହି ରାସ୍ତାରୁ ପିଚୁ ବାହାରିବା ସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେବା ସହ ଦୁର୍ଘଟଣା ମଧ ଘଟୁଛି। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରାୟ ଦେଢ଼ବର୍ଷ ହେଲା ବିରୋଧ କରାଯିବା ସହ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଛି। କିନ୍ତୁ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ନିୟମ ଅନୁଯାୟୀ, ଠିକାଦାର ୨୦୨୩ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବେ। ବର୍ଷାଋତୁ ପରେ ରାସ୍ତା ପାର୍ଶ୍ୱ ଘାସ, ଡାଳ ସଫା କରିବା, ରାସ୍ତାରେ ପାଣି ଯିବା ଧାର ପୁନର୍ବାର ମରାମତି, ରାସ୍ତା ଉପରେ ଗର୍ତ୍ତ ଓ ଫାଟ ମରାମତି, ରାସ୍ତା ପାର୍ଶ୍ୱ ନାଳର ମରାମତି, ତିଆରି ହୋଇଥିବା ଶଙ୍ଖ ଓ ପୋଲର ବର୍ଷକୁ ଦୁଇଥର ମରାମତି, ରାସ୍ତାରେ ଲଗାଯାଇଥିବା କିଲୋମିଟର ଖୁଣ୍ଟ ଓ ସାଇନ୍ ବୋର୍ଡର ମରାମତି ଓ ଶଙ୍ଖ ଉପରେ ବର୍ଷକୁ ଥରେ ଧଳାରଙ୍ଗ ମାରିବା ତାଙ୍କ ଦାୟିତ୍ୱ। କିନ୍ତୁ ରାସ୍ତା ନିର୍ମାଣର ୩ ବର୍ଷ ବିତିଯାଇଥିଲେ ମଧ କୌଣସି ରକ୍ଷଣାବେକ୍ଷଣ କରାଯାଇ ନ ଥିବା ଏବଂ ଟଙ୍କା ଆତ୍ମସାତ୍ କରାଯାଇଥିବା ସରପଞ୍ଚ ଅଭିଯୋଗ ହୋଇଛି।

